ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.04 Bhubaneswar Saturday, February 05, 2022 ୨୫ତମ ବର୍ଷ ସଂଖ୍ୟା-୦୪ ଭୁବନେଶ୍ୱର, ଶନିବାର, ଫେବୃଆରୀ ୦୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

"ଅମ୍ବି ତମେ ନଦୀ ତମେ ଦେବୀ
ତମେ ସରସ୍ୱତୀ
ଅପ୍ରଶସ୍ତା ଇବସ୍ମସି ପ୍ରଶସ୍ତି ମନ୍ମ
ନ ସ୍ମଧ୍ୟ।"

୬ରୁ ଖୋଲିବ ହଷ୍ଟେଲ

ଭୁବନେଶ୍ୱର, ୪।୨(ପି.ଏନ): ଆସନ୍ତା ୭ ତାରିଖରୁ ରାଜ୍ୟର ସବୁ ସ୍କୁଲ , କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ। ଏହାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ଡିଗ୍ରୀ କଲେଜ ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଗୁଡ଼ିକରେ ୬ ତାରିଖରୁ ହଷ୍ଟେଲ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଏନେଇ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ଡିଗ୍ରୀ କଲେଜ ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷମାନଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ କରୋନା ସଂକ୍ରମଣ ମାମଲା ହ୍ରାସ ପାଉଥିବାରୁ ସରକାର ଶିକ୍ଷାନୁଷ୍ଠାନଖୋଲିବାକୁ ନିଷ୍ପତି ନେଇଛନ୍ତି। ୭ ତାରିଖରୁ ଅଷ୍ଟମ ଶ୍ରେଣୀ ଓ ତଦୂର୍ଦ୍ଧ୍ୱ ଶ୍ରେଣୀର ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବ। ସେହିପରି ଫେବୃଆରୀ ୧୪ତାରିଖରୁ କେଜିରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଥିବା ବିଭାଗଗୁଡ଼ିକ ସ୍ୱତନ୍ତ୍ର ଭାବେ ନିଜ ନିଜର ଗାଇଡଲାଇନ୍ ଜାରି କରିବେ। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଗତକାଲି ଏହି ଘୋଷଣା କରିଥିଲେ।

ମୁଖ୍ୟ ଯନ୍ତ୍ରୀ ରବି ନାରାୟଣ ପୁଷ୍ଟି ଗିରଫ

ଭୁବନେଶ୍ୱର,୪।୨(ପି.ଏନ):– ଆୟ ବହିର୍ଭୂତ ସମ୍ପତି ଠୁଳ ମାମଲାରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ଇଂଜିନିୟର ରବି ନାରାୟଣ ପୁଷ୍ଟିଙ୍କୁ ଗିରଫ କରିଛି ଭିଜିଲାନ୍ସ । ଏହାସହ ଶ୍ରୀ ପୁଷ୍ଟିଙ୍କ ସମୁଦାୟ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତି ଜବତ ହୋଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଶ୍ରୀ ପୁଷ୍ଟିଙ୍କର ଭୁବନେଶ୍ୱରର ପଟିଆ, କଲଭିକ୍ କିଙ୍ଗ୍ ପ୍ରାସାଦରେ ଥିବା ଆବାସିକ ଫ୍ଲାଟ, ପୁରୀର ଭକ୍ତ ନିବାସ ଠାରେ ଏକ କୋଟିରୁ ଅଧିକ ସମ୍ପତି ରହିଛି।ସେହିପରି ଗଜପତି ପ୍ରାସାଦରେ ଫ୍ଲାଟ, ଜଗମୋହନ ନଗର, ଜାଗମରା, ବାରଭୁଜା ମାର୍କେଟ କମ୍ପ୍ଲେକ୍ସରେ ଦୋକାନ, ଶ୍ରୀରାମ ବିହାର, ନୟାପଲ୍ଲୀ, ଭୁବନେଶ୍ୱରରେ ସମ୍ପର୍କୀୟଙ୍କ ଘର, ଶ୍ରୀକ୍ଷେତ୍ର ନିବାସରେ ଫ୍ଲାଟ ଗୁଡିକରେ ଚଢ଼ଉ କରାଯାଇଉଛି।

ଜେଏସଡବ୍ଲ୍ୟୁ ପ୍ରୀତି: ଆଇନକାନୁନ୍ ଫୁ' କରିଦେଇଛନ୍ତି ରାଜ୍ୟ ସରକାର, ଅନିଶ୍ଚିତତାରେ ପରିବେଶ ଅନୁମତି

ଭୁବନେଶ୍ୱର,୪।୨(ପି.ଏନ): ଜଗତସିଂହପୁରର ପ୍ରସ୍ତାବିତ ପୋସ୍କ ପ୍ରକଳ୍ପ ଅଂଚଳରେ ଜେଏସଡବ୍ଲ୍ୟୁ କମ୍ପାନୀକୁ ବିନା ଏମଓୟୁରେ ମେଗା ଇସ୍ପାତ ପ୍ଲାଣ୍ଟ ସ୍ଥାପନ କରାଇବା ନିମନ୍ତେ ସୁଯୋଗ ଦେବାକୁ ଓଡିଶା ସରକାର ସବୁ ଆଇନକାନୁନକୁ ଫୁ' କରିଦେଇଛନ୍ତି। ଜାନୁୟାରୀ ୨୮ତାରିଖରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଏକ୍ସପର୍ଟ ଆପ୍ରାଇଜାଲ୍ କମିଟିର ୫୨ତମ ବୈଠକର ଦସ୍ତାବିଜରୁ ହିଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲକୁ ଆଖି ଖୋସି ହୋଇଯିବା ଭଳି ଅହେତୁକ ଅନୁକମ୍ପା ରାଜ୍ୟ ସରକାରଙ୍କ ଦେଖାଇବାକୁ ପଛାଇ ନଥିବା ଜଣାପଡିଛି ।ଜନଶୁଣାଣିଠୁ ଆରମ୍ଭ କରି ସାମାଜିକ ପ୍ରଭାବ ଆକଳନ, ପ୍ରକଳ୍ପ ପାଇଁ ଜଳ ଆବଶ୍ୟକତା ପୂରଣ, ଜଙ୍ଗଲ ଜମିର କିସମ ପରିବର୍ତ୍ତନ, ପ୍ରଦୂଷଣ ମାତ୍ରା, ପରିବେଶ ନଷ୍ଟ ଓ ମାନବାଧିକାର ଉଲ୍ଲଙ୍ଘନ ଆଦି ସବୁ କ୍ଷେତ୍ରରେ ଜେଏସଡବ୍ଲ୍ୟୁ କମ୍ପାନୀ ନିଜର ମନମୁଖୀ କାର୍ଯ୍ୟ କରିଥିବା ପଦାକୁ ଆସିଛି । ଆଉ ଏକ୍ସପର୍ଟ ଆପ୍ରାଇଜାଲ୍ କମିଟି(ଇଏସି) ଆଗରେ ଜେଏସଡବ୍ଲ୍ୟୁ ଯେଉଁ ଢଙ୍ଗରେ ସ୍ପଷ୍ଟୀକରଣ ରଖିଛି ତାହା ପରୋକ୍ଷରେ ଓଡିଶା ସରକାରଙ୍କ ଶାସନ କଳ ଉପରେ କମ୍ପାନୀର ମାତ୍ରାଧିକ ପ୍ରଭାବକୁ ପଦାରେ ପକାଇ ଦେଇଛି । ଅବଶ୍ୟ ଜେଏସଡବ୍ଲ୍ୟୁ କମ୍ପାନୀକୁ ଜଗତସିଂହପୁରରେ ମେଗା ଇସ୍ପାତ

ପ୍ରକଳ୍ପ ଓ ଜେଟି ନିର୍ମାଣ ନିମନ୍ତେ ଆବଶ୍ୟକ ପ୍ରସ୍ତାବ ଉପରେ ଏକ୍ସପର୍ଟ ଆପ୍ରାଇଜାଲ କମିଟି ୧୮ଟି ଦିଗ ଉପରେ ତର୍ଜମା କରିବା ସହ ୧୦ଟି ପ୍ରସଙ୍ଗରେ ଅତିରିକ୍ତ ଦସ୍ତାବିଜ ଦାଖଲ କରିବାକୁ ସୁପାରିଶ କରିଛନ୍ତି । ଏହାପରେ ହିଁ କମ୍ପାନୀର ପରିବେଶ ଅନୁମତି ଆବେଦନ ପ୍ରସ୍ତାବ ଉପରେ ବିଚାର କରାଯିବ ବୋଲି ଇଏସି ସ୍ପଷ୍ଟ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ, ଜାନୁୟାରୀ ୨୮ତାରିଖରେ ଡଃ ଚ୍ଛିନାଥ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୮ଜଣିଆ ଏକ୍ସପର୍ଟ ଆପ୍ରାଇଜାଲ୍ କମିଟିର ୫୨ତମ ବୈଠକରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ଦ୍ୱାରା ଜଗତସିଂହପୁରର ପ୍ରସ୍ତାବିତ ପୋସ୍କ ଅଂଚଳରେ ବାର୍ଷିକ ୧୩.୨ ନିୟୁତ ଟନ୍ କ୍ରୁଡ୍ ଇସ୍ପାତ ଉତ୍ପାଦନ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଂଟ୍ , ବାର୍ଷିକ ୧୦ ନିୟୁତ ଟନର ସିମେଣ୍ଟ କାରଖାନା ଓ ୯୦୦ ମେଗାୱାଟ କ୍ୟାପଟିଭ୍ ପାୱାର ପ୍ଲାଂଟ୍ ନିମନ୍ତେ ପରିବେଶ ଅନୁମତି ଆବେଦନ ଉପରେ ବିଚାରବିମର୍ଶ ହୋଇଥିଲା । ତେବେ କମିଟି ଦ୍ୱାରା କମ୍ପାନୀର ପରିବେଶ ଅନୁମତି ଆବେଦନ ଉପରେ ୧୮ଟି ଦିଗ ଉପରେ ତର୍ଜମା କରିବା ସହ ୧୦ଟି ପ୍ରସଙ୍ଗ ଉପରେ ଅତିରିକ୍ତ ଦସ୍ତାବିଜ ଦାଖଲ କରିବାକୁ ସୁପାରିଶ କରାଯାଇଛି । ଏସବୁ ତଥ୍ୟ ମିଳିବା ପରେ ହିଁ କମ୍ପାନୀର ପରିବେଶ ଅନୁମତି ଆବେଦନ ଉପରେ କମିଟି ବିଚାର କରିବେ ବୋଲି କହିଛନ୍ତି ।ତେବେ କମିଟିଙ୍କ ପାଖରେ ଜେଏସଡବ୍ଲ୍ୟୁ ଦ୍ୱାରା ଦାଖଲ କରାଯାଇଥିବା ତଥ୍ୟ ଅନୁସାରେ ୨୦୧୨ ମସିହା ପରଠୁ ଓଡିଶାରେ ଶିଳ୍ପ ସ୍ଥାପନ ନିମନ୍ତେ ସରକାରଙ୍କ ସହ ଏମଓୟୁ କରିବା ଜରୁରୀ ନୁହେଁ । କମ୍ପାନୀ ଯୁକ୍ତି ବାଢ଼ିଛି ଯେ, ଜଙ୍ଗଲ ଅଧିକାର ଆଇନ-୨୦୦୬ର ପ୍ରାବଧାନ ଅନୁସାରେ ପ୍ରକଳ୍ପ ସ୍ଥାପନ ପାଇଁ ଜନଶୁଣାଣିରେ ଲୋକଙ୍କ ସହମତିର ଆବଶ୍ୟକତା ଜରୁରୀ ନୁହେଁ। କେବଳ ନିର୍ଦ୍ଧାରିତ ଫର୍ମାଟରେ ଜନଶୁଣାଣି ହେବ, ଆଉ ପ୍ରକଳ୍ପ କରୁଥିବା କମ୍ପାନୀକୁ ଏସବୁ ସମସ୍ୟାର ସମାଧାନ ପାଇଁ ସୁଯୋଗ ମିଳିବ । ତେଣୁ ପ୍ରକଳ୍ପ ଅଂଚଳରେ ଜନଶୁଣାଣିରେ କୌଣସି ଚଂଚକତା ହୋଇନାହିଁ । ଏପରିକି କମ୍ପାନୀ ନଭେମ୍ବର ମାସରେ ହୋଇଥିବା ଜନଶୁଣାଣିକୁ ସମ୍ପୂର୍ଣ୍ଣ ଫାଙ୍କି ଦେଇ ଜଗତସିଂହପୁର ଜିଲ୍ଲା ପ୍ରଶାସନର ଉପସ୍ଥିତିରେ ଡିସେମ୍ବରରେ ହୋଇଥିବା କହିଛି ।

ସୋମବାରଠୁ ଖୋଲିବ ଏମ୍‌ସ ଓପିଡି

ଭୁବନେଶ୍ୱର, ୪।୨(ପି.ଏନ): ଏମ୍‌ସ ଭୁବନେଶ୍ୱରରେ ଚଳିତ ମାସ ୭(ସୋମବାର)ଠାରୁ ପୁନର୍ବାର ଓପିଡି ସେବା ଆରମ୍ଭ ହେବ। କୋଭିଡ୍ ସ୍ଥିତିରେ ଆସିଥିବା ସୁଧାରକୁ ଅନୁଶୀଳନ କରିବା ସହିତ ରୋଗୀସେବାକୁ ପ୍ରାଧାନ୍ୟ ଦେଇ ଏମ୍‌ସ ପକ୍ଷରୁ ଓପିଡି ଖୋଲିବାକୁ ନିଷ୍ପତି ହୋଇଥିବା ଏମ୍‌ସ ଭୁବନେଶ୍ୱର ମେଡିକାଲ ଅଧୀକ୍ଷକ ପ୍ରଫେସର ଡକ୍ଟର ଏସ୍ ଏନ୍ ମହାନ୍ତି ପ୍ରକାଶ କରିଛନ୍ତି। ଏନେଇ ଅନୁଷ୍ଠାନର କୋଭିଡ୍ କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ଧୀରେ ଧୀରେ ହ୍ରାସ ପାଉଥିବା କୋଭିଡ୍ ମହାମାରୀର ପ୍ରଭାବ ଉପରେ ଆଲୋଚନା ହୋଇ ଓପିଡି ସେବାକୁ ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ନିଷ୍ପତି ନିଆଯାଇଛି। ତେବେ ସମସ୍ତ ବିଭାଗଗୁଡ଼ିକ କୋଭିଡ୍ ପ୍ରତିଷେଧକ ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ପୂର୍ବରୁ ରହିଥିବା କାର୍ଯ୍ୟସୂଚୀ ଅନୁସାରେ ସୋମବାରଠାରୁ ଦେ?ନିକ ଓପିଡି କାର୍ଯ୍ୟକାରୀ ହେବ। ନୂତନ ଆଡମିଶନ ମାମଲା (ସସ୍କେଲ୍ଟ)ଙ୍କ ପାଇଁ ପ୍ରତ୍ୟେକ ୱାର୍ଡରେ ୪ରୁ ୫ ଲେଖାଏଁ ଶଯ୍ୟା ମହଜୁଦ୍ ରଖିବାକୁ ସମସ୍ତ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ରୋଗୀମାନଙ୍କର ନିୟମିତ ଯାଂଚ ଆଦି ସେବା ନିମନ୍ତେ "ଏମ୍‌ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଏବଂ ଟେଲିମେଡିସିନ୍" ବ୍ୟବସ୍ଥା ଜାରି ରହିବ ବୋଲି ଅଧୀକ୍ଷକ ଡ. ମହାନ୍ତି ସୂଚନା ଦେଇଛନ୍ତି। ସମସ୍ତ ଆଇପିଡି ଆଡମିଶନ ଏବଂ ଓଟି ଗୁଡିକ ପୂର୍ବ ପରି କାର୍ଯ୍ୟ କରିବ। କୋଭିଡ୍ ପ୍ରସୂତୀ କକ୍ଷ ଏକ ସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ଡ. ମହାନ୍ତି କହିଛନ୍ତି।ଉଲ୍ଲେଖଯୋଗ୍ୟଯେ କୋଭିଡ୍ ସ୍ଥିତିରେ ହଠାତ୍ ବୃଦ୍ଧି ହେତୁ ଜାନୁୟାରୀ ୧୭ରୁ ଏମ୍‌ସ ଭୁବନେଶ୍ୱରରେ ସମସ୍ତ ଓପିଡି ସେବାକୁ ସାମୟିକ ସମୟ ପାଇଁ ବନ୍ଦ କରିଦିଆଯାଇଥିଲା।

ଜେଏସପିଏଲ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ କର୍କଟ ଦିବସ ୨୦୨୨ ପାଳିତ

ଅନୁଗୋଳ,(ପି.ଏନ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ଦାୟିତ୍ୱବୋଧ ଶାଖା ରୂପେ କାର୍ଯ୍ୟ କରୁଥିବା ଜେଏସପିଏଲ ଫାଉଣ୍ଡେସନ ପକ୍ଷରୁବିଶ୍ୱ କର୍କଟ ଦିବସ ପ୍ରକଳ୍ପ ପାର୍ଶ୍ୱବର୍ତୀ ଗ୍ରାମରେ ପାଳିତ ହୋଇଯାଇଅଛି କ୍ଷ ଏହି ଅବସରରେ ଜେଏସପି ଅନୁଗୋଳର ମେଡିକାଲ କର୍ମଚାରୀ ମାନେ ଯୋଗ ଦେଇ ଗୋଷ୍ଠି ସମୁଦାୟଙ୍କୁ କର୍କଟ ରୋଗର ଲକ୍ଷଣ ବିଷୟରେ ବୁଝାଇବା ସହ ପ୍ରାରମ୍ଭିକ ପର୍ଯ୍ୟାୟରେ ଯଦି ଏହାର ସଠିକ ଚିକିତ୍ସା କରାଯାଏ,ତେବେ ଏହାର ନିରାକରଣ ସମ୍ଭବ ବୋଲି କହିଥିଲେ।ଚଳିତ ବର୍ଷର ବିଷୟ 'ଚିକିତ୍ସାରେ ବିଳମ୍ବ ବ୍ୟବଧାନକୁ କମ କରିବା'ଉପରେ ଜେଏସପି ଅନୁଗୋଳ ଅକୁପେସନାଲ ସେଣ୍ଟରର ଡାକ୍ତର ପ୍ରିୟଦର୍ଶିନୀ ରାୟ ଏବଂ ଡାକ୍ତର ସାଇ ସ୍ୱରୂପ ପାତୀ ଗ୍ରାମୀଣ ମହିଳାଙ୍କୁ କର୍କଟ ରୋଗର ଲକ୍ଷଣ ଏବଂ ବିଶେଷତଃ ମହିଳାଙ୍କ କ୍ଷେତ୍ରରେ ଏହାର ନୂତନ ଟେକ୍ନୋଲୋଜିର ପ୍ରୟୋଗ ମାଧ୍ୟମରେ ଏହାର ତ୍ୱରିତ ଚିହ୍ନଟକରଣ ଦ୍ୱାରା ଚିକିତ୍ସା ଆରମ୍ଭ କରାଯାଇପାରିବ ବୋଲି ପ୍ରକାଶ କରିଥିଲେ । ଏଥି ସହିତ ବିଭିନ୍ନ କୁ ଅଭ୍ୟାସ ଦ୍ୱାରା କିଛି ଅଙ୍ଗ ପ୍ରତ୍ୟଙ୍ଗରେକର୍କଟ ରୋଗର କାରଣ ମଧ୍ୟ ହୋଇପାରେ ବୋଲି କହିଥିଲେ । ପରିଶେଷରେ ଡାକ୍ତରମାନେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା ସହ

କୌଣସି ସନ୍ଦେହାତ୍ମକ ଲକ୍ଷଣ ଦେଖାଦେଲେ ତୁରନ୍ତ ଉନ୍ନତ ଚିକିତ୍ସା କରିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ କ୍ଷ ଏହି କାର୍ଯ୍ୟକ୍ରମଟିରେ ୧୦୦ ଜଣ ପାଖାପାଖିଗ୍ରାମୀଣ ମହିଳା ଅଂଶ ଗ୍ରହଣ କରିବା ସହିତ ଏହା ରାଜ୍ୟ ସରକାରଙ୍କ କୋଭିଡ-୧୯ ମହାମାରୀର ସମସ୍ତ ପ୍ରତିଷେଧକମୂଳକ ନିର୍ଦ୍ଦେଶାବଳୀ ସହ ଅନୁଷ୍ଠିତ ହୋଇଥିଲା ।

ବେଆଇନ ଭାବେ ବାଲି ଲୁଟ୍

ଭୁବନେଶ୍ୱର ,୪।୨(ପି.ଏନ): ରାଜ୍ୟର ଅଧିକାଂଶ ନଦୀରେ ଖୋଲିଛି ବେଆଇନ ବାଲି ଖଣି। ସରକାରୀ ଆଇନ ଓ ନିୟମର ହେଉଛି ଖୋଲାଖୋଲି ଉଲ୍ଲଙ୍ଘନ। ଗାଁ ପରିମଳ ଧୋବା ତୁଠାରୁ ଜଣାପଡ ? ଭଳି ରାଜଧାନୀ ଭୁବନେଶ୍ୱର ନିକଟରେ ଚାଲିଥିବା ବେଆଇନ ବାଲି ଖଣିର ଦୃଶ୍ୟ ବୟାନ କରୁଛି ରାଜ୍ୟର ସ୍ଥିତି। ଖୋଦ୍ ରାଜଧାନୀ ଭୁନେଶ୍ୱରରେ ଆଇନକୁ ଆଖିଠାର ମାରି ଚାଲିଛି ବେଆଇନ୍ ବାଲି ଉତ୍ତୋଳନ। ସବୁ ନିୟମକୁ ଜଳାଞ୍ଜଳି ଦେଇ ଲୁଟ ହେଉଛି କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ। ବାଲିଅନ୍ତା ତହସିଲ୍ ଅନ୍ତର୍ଗତ କୁଆଖାଇ ନଦୀରେ ଠିକ୍ ପୋଲ ତଳେ ହିଁ ଚାଲିଛି ବେଆଇନ୍ ବାଲି ଖନନ। ପରିବେଶ ନିୟମକୁ ଉଲ୍ଲଂଘନ କରି ନଦୀଗର୍ଭରେ ପକାଯାଉଛି ବନ୍ଧ ବାଡ। ହାଇୱା ଭଳି ବଡ ବଡ ଯାନବାହାନ ନଦୀ ଭିତରକୁ ଯାଇ ବାଲି ଉଠାଉଛନ୍ତି। କେବଳ ସେତିକି ନୁହେଁ ନଦୀ ଭିତରେ ପମ୍ପ ଲଗାଇ ବୋରିଂ କରାଯାଉଛି। ଆଉ ଅପ୍ରାକୃତିକ ପଦ୍ଧତିରେ ନଦୀ ଗର୍ଭକୁ ଖୋଳି ବାଲି ଉତ୍ତୋଳନ କରାଯାଉଛି। ତହସିଲ୍ କାର୍ଯ୍ୟାଳୟରୁ ମାତ୍ର ଶହେ ମିଟର ଦୂରରେ ଚାଲିଛି ଏଭଳି ବେଆଇନ ବାଲି ଖନନ। କିନ୍ତୁ ସବୁ ଦେଖି ନ ଦେଖିଲା ପରି ହାତ ଜାକି ଚୁପ୍ ହୋଇ ବସିଛି ପ୍ରଶାସନ। ଉମାଦେଇବ୍ରହ୍ମପୁର, ଅଲାରପୁର, ହାଟଯସୁଆପୁର, ହୀରାପୁର ଅଂଚଳରେ ୧୨୦ ଏକର ନଦୀ ପଠାରୁ ବାଲି ଉତ୍ତୋଳନ ପାଇଁ ନିଲାମୀ ନେଇଛନ୍ତି ସ୍ଥାନୀୟ ଅଂଚଳର କମଳ ପାତ୍ର ନାମକ ଜଣେ ବ୍ୟକ୍ତି। ନିୟମ ଅନୁଯାୟୀ, ନଦୀ ପୋଲଠାରୁ ଉଭୟ ପାର୍ଶ୍ୱରେ ୫୦୦ ମିଟର ପର୍ଯ୍ୟନ୍ତ ଅଂଚଳରେ ବାଲି ଖନନ ସଂପୂର୍ଣ୍ଣ ନିଷିଦ୍ଧ। ହେଲେ ନବ ନିର୍ମିତ ପୋଲକୁ ବିପଦରେ ପକାଇ ସବୁ ନିୟମକୁ ଫୁ କରି ଏଠାରେ ଚାଲିଛି ବେଧଡକ୍ ବାଲି ଚାଲାଣ।ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି, "ନଦୀରେ ମେସିନ୍ ଲଗାଇ ମନ ଇଚ୍ଛା ବାଲି ଖୋଳା ହେଉଛି। ନଦୀ ଅଣ ଓସାରିଆ ହୋଇ ଅଧିକ ଗଭୀର ହୋଇଯାଉଛି। ଫଳରେ

ନଦୀରୁ ଆଉ ମାଛ ମଧ୍ୟ ଟିକେ ଗାଁ ଲୋକ ଧରିକି ଖାଇ ପାରୁ ନାହାଁନ୍ତି । ୧୫ ବର୍ଷ ହେଲା ଏମିତି ବାଲି ଖୋଳା ଚାଲିଛି। ନିଲାମ ନନେଇଥିବା ଜାଗାରୁ ବି ବାଲି ଖୋଳା ହେଉଛି। କାହାକୁ କ'ଣ ପଇସାପତ୍ର ଦେଇ କାମ କରି ନେଉଛି ଖଣି ମାଲିକ।"ବିଜେପିର ନଦୀ ସୁରକ୍ଷା ରାଜ୍ୟ କମିଟି ସଭାପତି ମହେଶ୍ୱର ସାହୁ କହିଛନ୍ତି, "କୁଆଖାଇ ଓ ଦୟା ନଦୀର ଠିକ୍ ପୋଲ ତଳେ ଦିନଦିପ୍ରହରରେ ରାଜଧାନୀରେ ଖୋଲାଖୋଲି ବାଲି ଖୋଳା ହେଉଛି। ଏନଜିଟି ନିୟମକୁ ଉଲଙ୍ଘନ କରି ପମ୍ପ ଯୋଗେ ବାଲି ଖୋଳା ଚାଲିଛି। ମୁଖ୍ୟମନ୍ତ୍ରୀ କ'ଣ ଦେଖି ପାରୁନାହାଁନ୍ତି ? ନାଁ ତାଙ୍କ ଜିଲ୍ଲାପାଳ ଓ ରାଜସ୍ୱ ବିଭାଗର କୌଣସି ଅଧିକାରୀଙ୍କୁ ଦେଖାଯାଉନାହିଁ ? ରାଜ୍ୟରେ ସବୁଠି ଏମିତି ଚୋରା ବାଲି ଚାଲାଣ ହେଉଛି। କେବଳ ଧର୍ମକୁ ଆଖିଠାର ଭଳି ୪/୫ଟି ଟ୍ରାକ୍ଟରକୁ ଧରି ଫାଇନ୍ ପକାଇ ବାହାବା ଲୁଟୁଛନ୍ତି ସରକାର।"ରାଜଧାନୀକୁ ଘେରି ରହିଥିବା ସମସ୍ତ ନଦୀ ପଠାରେ ଏମିତି ବେଆଇନ ଭାବେ ଅନବରତ ବାଲି ଖନନ ଓ ଚାଲାଣ ଚାଲିଛି। ତ୍ରିଶୁଳିଆ ନିକଟସ୍ଥ ମହାନଦୀ ଗର୍ଭରେ ବି ଚାଲିଛି ବେଆଇନ ବାଲି ଉତ୍ତୋଳନ। ବାଲି ଉତ୍ତୋଳନ ନାଁରେ ମହାନଦୀ ଶଯ୍ୟାକୁ ଖିନଭିନ୍ କରାଯାଉଛି। ହାଇୱାରେ ବାଲି ପରିବହନ ଉପରେ କଠୋର କଟକଣା ଥିବା ସତ୍ତ୍ୱେ ନଦୀରେ ମୋରମ ରାସ୍ତା ତିଆରି କରି ହାଇୱା ଲଗାଇ ମନ ଇଚ୍ଛା ବାଲି ଚାଲାଣ ଚାଲିଛି। ଖଣି ଉତ୍ତୋଳନ ପାଇଁ ମଞ୍ଜୁରୀ ଦେଇ ନିରବଦ୍ରଷ୍ଟା ସାଜିଛନ୍ତି ରାଜ୍ୟ ସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ ବା ଝରଓଇଇ। ଜାତୀୟ ଗ୍ରୀନ ଟ୍ରିବୁନାଲରେ ବିଭିନ୍ନ ପରିବେଶ ସଂକ୍ରାନ୍ତିୟ ମାମଲା ଲଢୁଥିବା ଓକିଲ ଶଙ୍କର ପାଣି କହିଛନ୍ତି, "୨୦୧୬ରେ କେନ୍ଦ୍ର ପରିବେଶ ମନ୍ତ୍ରାଳୟ ସଷ୍ଟେନେବେଲ ସାଣ୍ଡ ମାଇନିଂ ଗାଇଡ୍ ଲାଇନ୍ ଓ ମନିଟୋରିଂ ଏନଫୋରସମେଣ୍ଟ -୨୦୨୦ଗାଇଡ ଲାଇନ୍ ଆଣିଲେ। ଦେଶରେ ସମସ୍ତ ବାଲି ଖଣି ଏହି ଗାଇଡ୍ ଲାଇନ୍ ଆଧାରରେ ଚାଲିବା ବାଧ୍ୟତାମୂଳକ ରହିଲା ।

୧୦ଟାରୁ ୪ଟା ପର୍ଯ୍ୟନ୍ତ ପଢିବେ ନବମରୁ ଦ୍ୱାଦଶ ପିଲା

ଭୁବନେଶ୍ୱର, ୪।୨(ପି.ଏନ): ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ଖୋଲିବା ନେଇ ଘୋଷଣା ହେବା ପରେ କେତେ ଘଂଟା ପାଠ ପଢାଯିବ ସେସମ୍ପର୍କରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍କୁଲ୍ ଗୁଡ଼ିକ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମୟ ନିର୍ଘଂଟ ପ୍ରସ୍ତୁତ କରାଯାଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ସ୍କୁଲ୍ ରେ ୧୦ଟାରୁ ୧ଟା ପର୍ଯ୍ୟନ୍ତ ପଢ଼ିବେ। କିନ୍ତୁ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ କ୍ଲାସ୍ ୧୦ଟାରୁ ୪ଟା ପର୍ଯ୍ୟନ୍ତ ହେବ। ସେହିପରି ଯୁକ୍ତ ଦୁଇର ଉଭୟ ବର୍ଷର ଛାତ୍ରଛାତ୍ରୀଙ୍କ ଶ୍ରେଣୀଗୃହ ପାଠପଢ଼ା ୧୦ଟାରୁ ୪ଟା ପର୍ଯ୍ୟନ୍ତ ହେବ।ଏହା ସହିତ ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନରେ ଶୁଖିଲା ଖାଦ୍ୟ ଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେ

ଟି ଟାଇମ୍

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଛଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

ପୁରାଣ କାହାଣୀ

ପଣ୍ଡୁ ଓଷା

ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବ୍ୟେଦ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ,

ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟ୍ଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସିଂହ ସହିତ ବନ୍ଧୁତା

ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଙ୍କା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରଓ୍ୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ

ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋଫାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ

ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟା

ବାଗ୍‌ଦେବୀ ନମସ୍ତୁତେ...

ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଦେବୀ ସରସ୍ୱତୀଙ୍କର ଆରାଧନା ଏବଂ ପୂଜା ହୁଏ। ପୁରାଣମତେ ଏହା ତାଙ୍କର ଜନ୍ମଦିନ। ଦ୍ୱାପର ଯୁଗରେ ଭଗବାନ କୃଷ୍ଣ ସରସ୍ୱତୀଙ୍କର ପୂଜା ପ୍ରଥମେ ଆରମ୍ଭ କରିଥିଲେ। ତା'ପରେ ଅନ୍ୟାନ୍ୟ ଦେବଦେବୀମାନଙ୍କଠାରୁ ଆରମ୍ଭ କରି ଏ ମଣିଷ ଜାତି ତାଙ୍କର ପୂଜା ଚଳେଇ ରଖିଲେ।

'ଶ୍ରୀ' କହିଲେ ଶୁଭ ଲକ୍ଷଣଯୁକ୍ତ। ଏହି କାରଣରୁ ମାଘ ଶୁକ୍ଳ ପଂଚମୀ ତିଥିକୁ ଶ୍ରୀପଂଚମୀ କୁହନ୍ତି। ଅର୍ଥାତ୍ ଦେବୀ ସରସ୍ୱତୀଙ୍କର ଏହା ଶୁଭ ଜନ୍ମଦିବସ। ଏହି ସମୟଟି ଶୀତପର ଏବଂ ପୂର୍ବ ବସନ୍ତ କାଳହେତୁ ଏହାକୁ ମଧ୍ୟ ବସନ୍ତ ପଞ୍ଚମୀ କୁହନ୍ତି। ଗୋଟିଏ ପଟେ ଶୀତକୁ ବିଦାୟ ଏବଂ ଅନ୍ୟପଟେ ବସନ୍ତକୁ ଆହ୍ୱାନର ଏହା ସନ୍ଧିକ୍ଷଣ। ଏହା ଇଂରାଜୀ ମାସ ଜାନୁୟାରୀ ବା ଫେବୃୟାରୀରେ ପଡ଼େ। ଏହିଦିନ ଶ୍ରୀମନ୍ଦିରରେ ବସନ୍ତ ପିଷ୍ଟକ ଠାକୁରଙ୍କୁ ଭୋଗଲାଗି ହୁଏ। ଏହିଦିନଠାରୁ ଦୋଳପୂର୍ଣ୍ଣିମା ଯାଏ ଉତ୍ସବକୁ ବେନ୍‌ଟ ଯାତ୍ରା କୁହନ୍ତି। କଥାରେ ଅଛି: "ଯାହା ନାହିଁ ଶ୍ରୀକ୍ଷେତ୍ରେ, ତାହା ନାହିଁ ଭାରତେ।" ଅର୍ଥାତ୍ ଭାରତରେ ସମସ୍ତ ହିନ୍ଦୁ ପର୍ବପର୍ବାଣୀ ଜଗନ୍ନାଥ ନୀତିନିୟମ ସହିତ ସଂଶ୍ଳିଷ୍ଟ।

ଦେବୀ ସରସ୍ୱତୀଙ୍କୁ ନେଇ ପୁରାଣକାରମାନେ ଅନେକ କଥା କୁହନ୍ତି। କାହା ମତରେ ସେ ବ୍ରହ୍ମାଙ୍କ ମୁଖରୁ ଜାତ ହେତୁ, ସେ ତାଙ୍କ କନ୍ୟା; ଅନେକଙ୍କ ମତରେ ସେ ନାରାୟଣଙ୍କ ପତ୍ନୀ ଅର୍ଥାତ୍ ଲକ୍ଷ୍ମୀଙ୍କ ସଉତୁଣୀ, ଶିବ ପୁରାଣ, ବାୟୁ ପୁରାଣ, ବ୍ରହ୍ମ ବୈବର୍ତ ପୁରାଣମତେ ସେ ବ୍ରହ୍ମାଙ୍କ ପତ୍ନୀ। ତାଙ୍କୁ ମହାଲକ୍ଷ୍ମୀ ବ୍ରହ୍ମାଙ୍କୁ ଅର୍ପଣ କରିଥିଲେ ବୋଲି ମାର୍କଣ୍ଡେୟ ପୁରାଣ କୁହେ। ସପ୍ତସତୀ ପୁରାଣମତେ ସେ ଦୁର୍ଗା। ତ୍ରି-ପୁରୁଷ: ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପତ୍ନୀ ତ୍ରି-ପ୍ରକୃତି ବା ଶକ୍ତି ଯଥାକ୍ରମେ ହେଉଛନ୍ତି ସରସ୍ୱତୀ: ବିଦ୍ୟାଦାତ୍ରୀ, ମହାଲକ୍ଷ୍ମୀ: ଧନଦାତ୍ରୀ ଏବଂ ଦୁର୍ଗା ହେଉଛନ୍ତି ଶକ୍ତିଦାତ୍ରୀ। ପୁଣି ବ୍ରହ୍ମବୈବର୍ତ ପୁରାଣ କୁହେ- ସେ ଶ୍ରୀରାଧାଙ୍କ ଜିହ୍ୱାଗ୍ରରୁ ସୃଷ୍ଟି। ଗଙ୍ଗା ଅଭିଶାପରୁ ସେ ପବିତ୍ର ସରସ୍ୱତୀ ହୋଇ ପ୍ରବାହିତ ହୁଅନ୍ତି ଏ ମର୍ତ୍ୟ ଭାରତ ଭୂଖଣ୍ଡରେ। ତ୍ରିବେଣୀ ସଂଗମ ଠାରେ, ଗଙ୍ଗା, ଯମୁନା ଓ ସରସ୍ୱତୀ ଏକତ୍ର ହୋଇଛନ୍ତି। ଗଙ୍ଗା, ଯମୁନା ଏବଂ ସରସ୍ୱତୀ ଯଥାକ୍ରମେ ପବିତ୍ରତା, ମୁକ୍ତିମାର୍ଗ ଏବଂ ସରସ୍ୱତୀ ଜ୍ଞାନଦାତ୍ରୀ, ପବିତ୍ର ଓ ମୁକ୍ତିର ପ୍ରତୀକ ରୂପେ ବିଶ୍ୱାସ କରାଯାଆନ୍ତି। ଋଗ୍‌ବେଦରେ ମଧ୍ୟ ସରସ୍ୱତୀଙ୍କୁ ୩୦ଥର ନଦୀ ଓ ୪୫ଥର ଦେବୀ ରୂପେ ବର୍ଣ୍ଣନା କରାଯାଇ ତାଙ୍କର ପବିତ୍ରତା ସଂପର୍କରେ ଆଲୋକପାତ କରାଯାଇଛି। ସରସ୍ୱତୀ କହିଲେ 'ସରସ୍-ବତୀ' ଯାହାର ଅର୍ଥ ଶ୍ରେଷ୍ଠ ନଦୀ, ହ୍ରଦ ବା ସାଗର। ଏଣୁ ସରସ୍ୱତୀ ଜ୍ଞାନର ନଦୀ, ହ୍ରଦ ବା ସାଗର।

ସରସ୍ୱତୀ କେବଳ ହିନ୍ଦୁମାନଙ୍କର ଦେବୀ ନୁହଁନ୍ତି। ସେ ଜୈନ ସିଦ୍ଧମାନଙ୍କର ସିଦ୍ଧସରସ୍ୱତୀ ଏବଂ ବୌଦ୍ଧମାନଙ୍କର ପ୍ରଜ୍ଞା ପାରମିତା।

ଦେବୀହିଁ ଶକ୍ତି। ଶକ୍ତି ଅଦୃଶ୍ୟ; ନିରାକାର। ତଥାପି ଭକ୍ତପାଇଁ ସେ ଅରୂପରୁ ରୂପରେ ପୂଜା ପାଆନ୍ତି, ସେ ମୃଣ୍ମୟ ମୂର୍ତ୍ତିରେ ହେଉ ବା ଛବି ବା ପଟ୍ଟଚିତ୍ରରେ ହେଉ। ସରସ୍ୱତୀ ରୂପଚିତ୍ରକୁ ପୁରାଣକାରମାନେ ଯେମିତି ବର୍ଣ୍ଣନା କରିଛନ୍ତି:

"ଯା' କୁଂଦେନ୍ଦୁ ତୁଷାର ହାର ଧବଳା ଯା' ଶୁଭ୍ରାବସ୍ତାବୃତା
ଯା ବୀଣା ବରଦଣ୍ଡ ମଣ୍ଡିତା କରା ଯା ଶ୍ୱେତପଦ୍ମାସନା
ଯା' ବ୍ରହ୍ମଚ୍ୟୁତି ଶଙ୍କର ପ୍ରଭୃତିଭି ଦେବୈଃ ସଦାବନ୍ଦିତା
ସାମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷ ଜଡ଼ୟା ପହା।
ଓଁ ଭଦ୍ରକାଳୈ ନମୋ ନିତ୍ୟଂ ସରସ୍ୱତୈ ନମୋ ନମଃ।"

"କଜ୍ଜଳ ପୂରିତ ଲୋଚନ ଧାରେ
ସ୍ତନଯୁଗ ଶୋଭିତ ମୁକୁତାହାରେ।
ବୀଣା ପୁସ୍ତକ ରଞ୍ଜିତ ହସ୍ତେ
ଭଗବତୀ ଭାରତୀ ଦେବୀ ନମସ୍ତେ।।"

ସେ ଶୁଭ୍ର ବସ୍ତ୍ର ପରିହିତା, ଶ୍ୱେତବର୍ଣ୍ଣା ଏବଂ ଶ୍ୱେତପଦ୍ମ ପୁଷ୍ପ ଉପରେ ବିରାଜିତା। ତାଙ୍କର ଚାରିଭୁଜ ମଧ୍ୟରୁ ଗୋଟିଏ ହସ୍ତରେ ଲେଖନୀ, ଆଉ ଗୋଟିଏ ହସ୍ତରେ ପୁସ୍ତକ ଏବଂ ଅନ୍ୟ ଦୁଇ ହସ୍ତରେ ବୀଣା ଧାରଣ କରିଛନ୍ତି। ପାଣିରେ (ହାତରେ) ବୀଣା ଧାରଣ କରିଥିବାରୁ ତାଙ୍କ ନାମ ବୀଣାପାଣି ମଧ୍ୟ ରଖାଯାଇଛି। ହଂସ ତାଙ୍କର ବାହନ। ତେବେ ପୂଜା ଆସନରେ ସେ କେବେ ଶୁଭ୍ର ପଦ୍ମପୁଷ୍ପ ଉପରେ ତ' କେତେବେଳେ ମୟୂର ଉପରେ ଅଧିଷ୍ଠିତ ହୋଇଥା'ନ୍ତି।

ଏଠାରେ ଶ୍ୱେତବସ୍ତ୍ର: ନିଷ୍କଳଙ୍କ ଚରିତ୍ରର ପ୍ରତୀକ, ଲେଖନୀ ଓ ପୁସ୍ତକ: ଜ୍ଞାନର ପ୍ରତୀକ, ବୀଣା: ସଂଗୀତ, ସୂକ୍ଷ୍ମକଳା ତଥା ସପ୍ତରଙ୍ଗ ଓ ସପ୍ତସ୍ୱରର ପ୍ରତୀକ; ହଂସ ଶୁଦ୍ଧତାର ପ୍ରତୀକ ଏବଂ ସାମୂହିକ ଭାବେ ଧଳାରଙ୍ଗ: ପବିତ୍ର ଓ ଶାନ୍ତିର ପ୍ରତୀକ।

ଦେବୀ ସରସ୍ୱତୀଙ୍କର ମଧ୍ୟ ଅନ୍ୟାନ୍ୟ ନାଁ ଅଛି-ଯେମିତି ଇଳା, ଭାରତୀ, ବୀଣାପାଣି। ମୋଟ ଉପରେ ସେ ଜ୍ଞାନ, ବିଦ୍ୟା, ସଂଗୀତ କଳା, ବୁଦ୍ଧି ତଥା ଶୁଦ୍ଧତାର ଦେବୀ। ଏହି କାରଣରୁ ସେ ସମସ୍ତ ଶିକ୍ଷା, ସଂଗୀତ ଓ କଳା ଅନୁଷ୍ଠାନମାନଙ୍କରେ ଶ୍ରୀପଞ୍ଚମୀ ଦିନ ସ୍ୱତନ୍ତ୍ର ଭାବେ ସୁସଜ୍ଜିତ ମଣ୍ଡପରେ ପୂଜା ହୁଅନ୍ତି। ଖାଲି ଦେବୀ ନୁହଁନ୍ତି ପୂଜକ ଏବଂ ବିଦ୍ୟାର୍ଥୀମାନେ ମଧ୍ୟ ନୂତନ ପୋଷାକ ପିନ୍ଧିଥା'ନ୍ତି। ଦେବୀଙ୍କୁ ଧୂପ, ଦୀପ, ନୈବେଦ୍ୟ ଏବଂ ଭୋଗରାଗ ଅର୍ପଣ କରାଯାଏ। ଭୋଜିଭାତ ମଧ୍ୟ ଅନେକ ଅନୁଷ୍ଠାନରେ କରାଯାଏ। ଆଜିକାଲି ଘରେ ଘରେ ମଧ୍ୟ ସରସ୍ୱତୀ ପୂଜା ହେଲେଣି। ଘରୋଇ ପୂଜାରେ ଘରର ସାନଝିଅ ଏ ପୂଜା କରାଏ ବା ଭୋଗରାଗରେ ପାଣି ଛଡ଼ାଏ। ଏହିଦିନ ମଧ୍ୟ କେଉଁଠି କେଉଁଠି ଅନୁଷ୍ଠାନମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ। ଯଥା: ନାଚ, ଗୀତ, କବିତା ପାଠୋତ୍ସବ, ନାଟକ ଇତ୍ୟାଦି। କୋଉଠି ଗୁଡ଼ିଉଡ଼ା ପ୍ରତିଯୋଗିତା ହୁଏ। ତେବେ ସ୍ଥଳବିଶେଷରେ ଛାତ୍ରଛାତ୍ରୀମାନେ ଧଳା କିମ୍ବା ପୀତବସ୍ତ୍ର ବ୍ୟବହାର କରିଥା'ନ୍ତି।

ଦେବୀ ସରସ୍ୱତୀଙ୍କ ପୂଜା ଆଉ ଭାରତ ଭୂଖଣ୍ଡରେ ସୀମାବଦ୍ଧ ହୋଇ ନାହିଁ। ଚୀନ ଦେଶରେ ଲୋକେ ଚିନାମାଟିରେ ପ୍ରସ୍ତୁତ ସରସ୍ୱତୀଙ୍କୁ ପୂଜା କରନ୍ତି ଏବଂ ସେହିଦିନ ଧଳା ପୋଷାକ ପିନ୍ଧନ୍ତି। ଜାପାନ ଦେଶରେ ସେ ପଟ୍ଟଚିତ୍ରରେ ପୂଜା ପାଆନ୍ତି। ରୁଷିଆରେ ସେଓ ଭୋଗରେ ତାଙ୍କୁ ପୂଜା କରାଯାଏ। ରୋମରେ ସରସ୍ୱତୀଙ୍କ ରଙ୍ଗ ନାଲି। ଏହି ରଙ୍ଗ ସେ ଦେଶପାଇଁ ଉନ୍ନତି ଓ ପ୍ରଗତିର ପ୍ରତୀକ; ନେପାଳ ତ' ଆମ ପଡ଼ୋଶୀ ଦେଶ, ଯିଏକି ଭାରତ ଦ୍ୱାରା ପ୍ରଭାବିତ; ପାକିସ୍ତାନ, ବଙ୍ଗଳାଦେଶ ଏବଂ ସିଂହଳ ଇତ୍ୟାଦିରେ ହିନ୍ଦୁ ସଂପ୍ରଦାୟମାନେ ପୂଜା କରନ୍ତି। ଆମେରିକା ଏବଂ ଇଂଲଣ୍ଡ ଇତ୍ୟାଦିରେ ପ୍ରବାସୀ ଭାରତୀୟମାନେ ମଧ୍ୟ ଏଥିରୁ ବାଦ୍ ନୁହଁନ୍ତି। ସରସ୍ୱତୀଙ୍କ ପୂଜା ବହୁ ପୁରାତନ। ଫ୍ରାନସ୍ ମ୍ୟୁଜିୟମରୁ ୧୧୦୦ ଖ୍ରୀଷ୍ଟାବ୍ଦର ଏକ ବିରଳ ସରସ୍ୱତୀ ମୂର୍ତ୍ତି ଆବିଷ୍କୃତ ହୋଇଛି। ସେହିପରି ତାଞ୍ଜୋର ମନ୍ଦିରରୁ ଏକ ମଧ୍ୟଯୁଗୀୟ ମୂର୍ତ୍ତି ଏବଂ ବ୍ରିଟିଶ ମ୍ୟୁଜିୟମରୁ ସରସ୍ୱତୀ ମୂର୍ତ୍ତିମାନ ଆବିଷ୍କାର କରିଛନ୍ତି। ଏମାନେ ବିଶେଷକରି ୧୧୦୦ ଶତାବ୍ଦୀର ବୋଲି ଅନୁମାନ କରାଯାଏ।

ହିନ୍ଦୁ ପରମ୍ପରାରେ ସରସ୍ୱତୀଙ୍କ ପୂଜା ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ସେ ବିଦ୍ୟା ଓ ଜ୍ଞାନର ଦେବୀ। 'ବିଦ୍ୟା, ଜ୍ଞାନ ଏବଂ ବୁଦ୍ଧି', ସମୃଦ୍ଧି, ପ୍ରଗତି ଓ ଉନ୍ନତିର ପ୍ରବର୍ଦ୍ଧକ। ପୁନଶ୍ଚ ପବିତ୍ରତା ଓ ଶୁଦ୍ଧତା ବ୍ୟକ୍ତି ଚରିତ୍ରର ଦ୍ୟୋତକ। ଏସବୁର କରୁଣାମୟୀ ଦାତ୍ରୀ ଦେବୀ ମା' ସରସ୍ୱତୀ। ଆସନ୍ତୁ, ତାଙ୍କଠି ଶରଣ ଯିବା।

"ବାଗ୍‌ଦେବୀ ନମସ୍ତୁତେ।"

ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

ପଂଚାୟତ ନିର୍ବାଚନ ପାଇଁ କଂଗ୍ରେସର ଅଭିଯୋଗ ଫର୍ଦ୍ଦ ଉନ୍ମୋଚିତ

ଭୁବନେଶ୍ୱର (ପିଏନ୍)- ରାଜ୍ୟର ୩୦ଲକ୍ଷ ପରିବାର ୬୦ ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଲୁଟ ସ୍କାମ୍‌ରେ ସିବିଆଇର ସଂଦେହ ଜନକ ଶିଥିଳତା, ପାରଦ୍ୱୀପ ବନ୍ଦରର ବ୍ଲାକରୋଜ ଜାହାଜ ବୁଡ଼ି ଘଟଣା ଓ ନିଳାଚଳ ଇସ୍ପାତନିଗମ ବିକ୍ରି ଭଳି ରାଜ୍ୟର ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଉଭୟ ବିଜେଡ଼ି ଓ ବିଜେପିକୁ କଡ଼ା ଟାର୍ଗେଟ କରିଛି କଂଗ୍ରେସ।

ଗତକାଲି କଂଗ୍ରେସ ଭବନରେ ଚଳିତ ପଂଚାୟତ ନିର୍ବାଚନ ପାଇଁ ସରକାରଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଉନ୍ମୋଚନ ସମାରୋହରେ କଂଗ୍ରେସ ନିର୍ବାଚନ ମିଡିଆ ଇନଚାର୍ଜ ତଥା ମୁଖପାତ୍ର ଶ୍ରୀ ମନୋଜ ମହାପାତ୍ର କହିଲେ ଯେ ବିଜେଡ଼ି ଓ ବିଜେପି ଭିତରେ ଅଘୋଷିତ ମେଂଟ ଅଛି। ବିଜେଡ଼ି ରାଜ୍ୟରେ ଆନ୍ଦୋଳନ କରେ କିନ୍ତୁ ଦିଲ୍ଲୀରେ ଚୁପ। ରାଜ୍ୟ ବିଜେପି ବିଭିନ୍ନ ପ୍ରସଙ୍ଗରେ ସିବିଆଇ ତଦ' ଦାବି କରେ ରାଜ୍ୟରେ କିନ୍ତୁ ଦିଲ୍ଲୀରେ ଏମାନଙ୍କ ମୁହଁ ମଧ୍ୟ ବନ୍ଦ। ଲୋକଦେଖାଣିଆ ଭାବେ ପରସ୍ପର ବିରୋଧରେ ଲଢୁଥିଲେ ମଧ୍ୟ ଏମାନଙ୍କ ଭିତରେ ଭିତରି ସଂପର୍କ ରହିଛି। ନହେଲେ ପାରାଦ୍ୱୀପ ବନ୍ଦର ବ୍ଲାକରୋଜ ବୁଡ଼ି ଘଟଣା ଓ ଚିଟ୍‌ଫଣ୍ଡ ସ୍କାମର ସିବିଆଇ ତଦ'ରେ ଶିଥିଳତା ଏହାର ବଳିଷ୍ଠ ପ୍ରମାଣ। ନବୀନ ସରକାରର ୨୨ ବର୍ଷରେ ୨୨ କଳାକାରନାମାର ଏକ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରାଯାଇ ଲୋକଙ୍କ ପାଖକୁ ଯିବ କଂଗ୍ରେସ।

ଏହି କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ କହିଲେ ଯେ ଚିଟ୍‌ଫଣ୍ଡ ସ୍କାମରେ ଶାସକ ବିଜେଡ଼ି ଦଳର ୨୭ ବିଧାୟକ ଓ ୪ଜଣ ମନ୍ତ୍ରୀ ସଂପୃକ୍ତ। ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଭଳି ବହୁ ସ୍ପର୍ଶକାତର ପ୍ରସଙ୍ଗରେ କଂଗ୍ରେସ ଲୋକଙ୍କ ପାଖକୁ ଯାଇ ଜନସଚେତନତା ଜାଗ୍ରତ କରି କଂଗ୍ରେସ ସପକ୍ଷରେ ଜନମତ ଆଣିବ ବୋଲି ଶ୍ରୀ ରାଉତରାୟ କହିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ଉପସଭାପତି ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ, ପଛୁଆବର୍ଗ ବିଭାଗ ଅଧ୍ୟକ୍ଷ ଜ୍ଞାନଦେବ ବେଉରା, ମୁଖପାତ୍ର ଶାନ୍ତନୁ ସାହୁ, ମନୋରଂଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦରେ ସ୍ଥାପନା ପାଇଁ ଦାବି

ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଦେଶ ଗଠନର କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଏକ ସଭାରେ ସଭାପତିତ୍ୱ କରି ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ସ୍ଥାପନା ପାଇଁ ଦାବି କରିବା ସହିତ ମଧୁବାବୁ ଉତ୍କଳଗୌରବ ନୁହଁନ୍ତି ସେ ହେଉଛନ୍ତି ଭାରତର ଗୌରବ ବୋଲି କହିଥିଲେ । ଏଥିପାଇଁ ଉତ୍କଳ ସମ୍ମିଳନୀ ପୂର୍ବରୁ ବହୁବାର ଦାବି କରିବା ସହିତ ମହାମାନ୍ୟ ରାଜ୍ୟପାଳଙ୍କୁ ମଧ୍ୟ ଦାବି ପତ୍ର ପ୍ରଦାନ କରାଯାଇଛି । ଆଜିର ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଡ ସୁରେନ୍ଦ୍ର ମିଶ୍ର, ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସୁବ୍ରତ ମହାପାତ୍ର, ବିଶ୍ୱରଂଜନ ଆଚାର୍ଯ୍ୟ, ସମ୍ପାଦକ ରାଜେଶ ସାହୁ, ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ଅକ୍ଷୟ କୁମାର ଜେଠୀ, ଡ. ରବିନାରାୟଣ ବେହେରା, ସମରଂଜନ ମହାନ୍ତି, ଦୀପ୍ତିମୟୀ ନାୟକ, ଶରତ ଚନ୍ଦ୍ର ସାହୁ, ବଂଶୀଧର ଭୋଇ, ପ୍ରକାଶ କୁମାର ସାମଲ, ଅଜୟ କାନୁନଗୋ, ବାସନ୍ତୀ ଆଚାର୍ଯ୍ୟ ଓ ପତିତପାବନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ ।

ଜିଲ୍ଲା ପରିଷଦ ପ୍ରାର୍ଥୀ ପାଇଁ ପ୍ରଚାର ଆରମ୍ଭ କଲା କଂଗ୍ରେସ

ବୟାଳିଶମୌଜା (ପିଏନ୍): ବୟାଳିଶମୌଜାରେ ଜାତୀୟ କଂଗ୍ରେସ ତରଫରୁ ଜିଲ୍ଲା ପରିଷଦ ପ୍ରାର୍ଥୀନୀ ସୋନାଲିକା ଦୀକ୍ଷିତ ନିଜ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି । ଶ୍ରୀରାମ ସ୍ଥିତ ଭୀମେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରି ସୋନାଲିକା ନିଜର ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀ, ରାଜ୍ୟ କଂଗ୍ରେସ ସମ୍ପାଦକ ପ୍ରିୟବ୍ରତ ରାୟ, ଦଳିତ ନେତା ରାମଚନ୍ଦ୍ର ଗୋଛାୟତ,ଦୁର୍ଗାଶଙ୍କର ଦାଶ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ସ୍ଥାନୀୟ ସମସ୍ୟାର ସ୍ଥାୟୀ ସମାଧାନ କଂଗ୍ରେସର ମୁଖ୍ୟ ନିର୍ବାଚନୀ ମୁଦ୍ଦା କରାଯିବ ବୋଲି ଜିଲ୍ଲା ସଭାପତି ସୂଚନା ଦେଇଛନ୍ତି । ମାଳ ମାଳ ଯୋଜନାର ଦ୍ୱାହି ଦେଇ ରାଜ୍ୟ ସରକାର ଓଡିଶାର ସାଧାରଣ ଜନତାକୁ ଯେଉଁଭଳି ଭାବରେ ଭୂଆଁ ବୁଲାଉଛନ୍ତି ତାହାର ଜବାବ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଓଡିଶାବାସୀ ଦେବେ ବୋଲି କଂଗ୍ରେସ ବିଶ୍ୱାସ ରଖିଛି । ବୟାଳିଶମୌଜାରେ ଥିବା ବହୁ ପୁରୁଣା କଂଗ୍ରେସ କର୍ମୀଙ୍କୁ ଏହି କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା । ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ବେହେରା, ମଧୁସୂଦନ ସେନାପତି, ସରୋଜ ଚନ୍ଦ୍ର ଲେଙ୍କା, ଇବ୍ରାହିମ ବେଗ୍, ମହମ୍ମଦ ମେହେତାବ, ଗଣେଷ ଚନ୍ଦ୍ର ପରିଡା, ମିହିର ଦାସ, ବିଭୂତିଭୂଷଣ ଜେନା, ଋଷି କାଣ୍ଡି, ରମେଶ ଭୋଇ, ସୁନିଲ ଦୀକ୍ଷିତ, ବଳରାମ ଦିକ୍ଷୀତ, ଜଗନ୍ନାଥ ଦେବତା ପ୍ରମୁଖ ଉପସ୍ଥିତ ଥିଲେ ।

କଳିଙ୍ଗ ସେନାର ପଞ୍ଚାୟତ ନିର୍ବାଚନୀ ସଂକଳ୍ପପତ୍ର ଘୋଷଣା

ଭୁବନେଶ୍ୱର (ପିଏନ୍): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଇସ୍ତାହାର ଗତକାଲି କଳିଙ୍ଗ ସେନା ସୁପ୍ରିମୋ ହେମନ୍ତ ରଥଙ୍କ ସମେତ ଉପସଭାପତି ଦିଗମ୍ବର ବିଶ୍ୱାଳ, ସାଧାରଣ ସଂପାଦକ ବିଜୟ ରାଜ, ଇଂ ମନୋଜ ନାୟକ, ସଂପାଦକ ଅବଦୁଲ କୟୁମ୍ ଖାନ୍, ଶ୍ରୀକାନ୍ତ ଦାଶ, ଡକ୍ଟର ନଗେନ୍ଦ୍ରନାଥ ମିଶ୍ର,ଗୌରାଙ୍ଗ ପ୍ରଧାନ, ମୌସୁମୀ ସାମଲ ପ୍ରମୁଖ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଗ୍ରାମାଞ୍ଚଳ ପାଇଁ ୨୬ଟି ପଏଣ୍ଟ ଇସ୍ତାହାରରେ ରଖାଯାଇଥିବା ବେଳେ ପଞ୍ଚାୟତ ଗୁଡ଼ିକର ଉନ୍ନତିକରଣ ଦିଗରେ ଏହା ସହାୟକ ହେବ ବୋଲି ଶ୍ରୀ ରଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀ ରଥ କହିଛନ୍ତି ଯେ ପଞ୍ଚାୟତରେ ଥିବା ଗରିବ ଲୋକଙ୍କୁ ମାସିକ ୩୦୦ ୟୁନିଟ୍ ଓ ଅନ୍ୟମାନଙ୍କୁ ୨୦୦ ୟୁନିଟ୍ ବିଦ୍ୟୁତ୍ ମାଗଣା ପ୍ରଦାନ କରାଯିବ। ଏଥିସହ ପଞ୍ଚାୟତରେ ଥିବା ପ୍ରତ୍ୟେକ ଧର୍ମାନୁଷ୍ଠାନର ଉନ୍ନତିକରଣ ସାଙ୍ଗକୁ ପଞ୍ଚାୟତରେ ଥିବା ପ୍ରତ୍ୟେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ, ପ୍ରତ୍ୟେକ ପଞ୍ଚାୟତରେ କୃଷକ ଗୋଷ୍ଠି ଗଠନ ସହିତ ଟ୍ରାକ୍ଟର ଯୋଗାଣ, ଗାଁ ଲୋକଙ୍କୁ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା ପରିମାଣ ଅତି କମ୍‌ରେ ୨୦୦୦ ଟଙ୍କା ପାଇଁ ଉଦ୍ୟମ କରାଯିବ। ସେହିପରି ପ୍ରତି ପଞ୍ଚାୟତରେ ଆବଶ୍ୟକତା ଅନୁଯାୟୀ ଗୋଟିଏ କରି ଶୀତଳ ଭଣ୍ଡାର ପ୍ରତିଷ୍ଠା, ଗାଁରୁ ଉତ୍ପାଦିତ ଚାଉଳ, ଡାଲି ଓ ଅନ୍ୟାନ୍ୟ କୃଷିଜାତ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୨, ଫେବୃଆରୀ ୦୫

ପ୍ରଜ୍ଞାନ ଦାତ୍ରୀ ସରସ୍ୱତୀ

ଜଗତ ନିର୍ମାଣ କରିବାକୁ ହେଲେ ଜଗତ ବିଷୟକ ଜ୍ଞାନ ନ ଥିଲେ ଜଗତ ନିର୍ମାଣ ଅସମ୍ଭବ। ତେଣୁ ବ୍ରହ୍ମା ସ୍ତ୍ରୀ ବାଚକ ଶକ୍ତି ରୂପିଣୀ ସରସ୍ୱତୀ, ଲକ୍ଷ୍ମୀ ଓ ଉମାଙ୍କୁ କଳ୍ପନା କରିଥିଲେ। ସରସ୍ୱତୀ ହେଲେ ଜ୍ଞାନ, କଳା ଓ କୌଶଳର ପ୍ରତୀକ। ଦ୍ୟୋତନଶୀଳା ଦେବୀ ଓ ପ୍ରକାଶାତ୍ମିକା ବିଦ୍ୟା। ସେ ବ୍ରହ୍ମାଙ୍କ ସହିତ ସଂଯୁକ୍ତ ହେଲେ ବୋଲି ସୃଷ୍ଟି ହେଲା ବିଶ୍ୱ ବ୍ରହ୍ମାଣ୍ଡ। ସ୍ଥାବର ଜଙ୍ଗମ ସରସ୍ୱତୀଙ୍କୁ ଜ୍ଞାନ ସ୍ୱରୁପା କଳ୍ପନା କରି ମହାନ ଋଷିଗଣ ନିଜକୁ ତାଙ୍କ ପାଖରେ ଅର୍ପଣ କରିଦେଇଛନ୍ତି ନିଜର ଆବେଗକୁ। ମନ୍ତ୍ରଦ୍ରଷ୍ଟା ଋଷିଙ୍କ ଦୃଷ୍ଟିରେ ସେ ବାଣୀ ସଂସ୍କୃତି, ବିଦୂଷୀ ନାରୀ ଓ ପରମାତ୍ମା ଇଳା ସରସ୍ୱତୀ ମହୀ (ଋଗ୍ ବେଦ ୧.୪.୨.୯) ଏହି ମନ୍ତ୍ରରେ ସରସ୍ୱତୀଙ୍କୁ ସଂସ୍କୃତି ସ୍ୱରୂପ ବୋଲି ବର୍ଣ୍ଣନା କରାଯାଇଛି। ବାସ୍ତବରେ ସରସ୍ୱତୀଙ୍କ ବ୍ୟକ୍ତିତ୍ୱରେ ଭାରତୀୟ ସଂସ୍କୃତି ଆରୋପିତ ଜ୍ଞାନପିପାସୁ ବୈଦିକ ଋଷି ଉଦାତ କଣ୍ଠରେ ଗାଇଛନ୍ତି।

"ଅସି ତମେ ନଦୀ ତମେ ଦେବୀ ତମେ ସରସ୍ୱତୀ
ଅପ୍ରଶସ୍ତା ଇବସ୍ମସି ପ୍ରଶସ୍ତି ମୟ ନ ସ୍କୃଧି।"

ହେ ଶ୍ରେଷ୍ଠମାତା, ହେ ଶ୍ରେଷ୍ଠଦେବୀ, ହେ ଶ୍ରେଷ୍ଠନଦୀ, ଆମେ ସବୁ ଅପ୍ରଶସ୍ତ ପ୍ରାଣୀ। ଆମକୁ ପ୍ରଶସ୍ତ ତଥା ବିସ୍ତାରିତ କରାଅ। ଆମର ଅପ୍ରଶସ୍ତ ଜ୍ଞାନର ବଳୟକୁ ପ୍ରଶସ୍ତ କର। ସରସ୍ୱତୀଙ୍କର ଶାବ୍ଦିକ ଅର୍ଥ ପ୍ରସରଣ ଶୀଳା, ଗତି ଶିଳା। ଏହା ମଧ୍ୟ ଏକ ସଙ୍କେତ। ସରସ୍ୱତୀଙ୍କ ବନ୍ଦନା ସଙ୍ଗେ ସଙ୍ଗେ ନଦୀର ବର୍ଣ୍ଣନା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ। ବଶିଷ୍ଠ, ଭରଦ୍ୱାଜ ଆଦି ଋଷିଗଣ ଜ୍ଞାନରୂପକ ନଦୀର ସ୍ରୋତରେ ଭାସିଯାଇ ପରମ ଆନନ୍ଦ ଲାଭ କରିଛନ୍ତି। କେବଳ ସେତିକି ନୁହେଁ, ସରସ୍ୱତୀ ସ୍ରୋତସ୍ୱତୀ ରୂପେ ପ୍ରଜ୍ଞାରୂପକ ଜଳରାଶିର ଉଚ୍ଛ୍ୱାସରେ ଗତିପଥର ସମସ୍ତ ବିଘ୍ନରାଜିରୁ ସେମାନଙ୍କୁ ଅତିକ୍ରାନ୍ତ କରାଇଛନ୍ତି। ସେ ହୋଇଛନ୍ତି ସୁନିୟନ୍ତ୍ରଣକାରିଣୀ 'ସୁଷମା ସରସ୍ୱତୀ', 'ପାବକାଃ ନଃ ସରସ୍ୱତୀ' ମନ୍ତ୍ରରେ ପବିତ୍ରକାରିଣୀ ରୂପରେ ସେ ସ୍ତୁତ ହୋଇଛନ୍ତି।

ସରସ୍ୱତୀ ପଦ୍ମାସନରେ ଉପବିଷ୍ଟା ହୋଇ ସ୍ଫଟିକର ମାଳା ଅହଙ୍କାର ହସ୍ତରେ ଧାରଣ କରିଛନ୍ତି। ଜପମାଳା ଧ୍ୟାନର ପ୍ରତୀକ ମାନସିକ ଏକାଗ୍ରତାର ସଙ୍କେତ। ଅହଂକାର ଭାବ ନଷ୍ଟ ହେଲେ ବ୍ରହ୍ମ ଦର୍ଶନ ସ୍ୱଚ୍ଛ ହୁଏ। ସ୍ୱାଧ୍ୟାୟ, ମନନ ଓ ନିଧିଧ୍ୟାସନ ଦ୍ୱାରା ଅହଂକାର ନାଶ ହୁଏ। ସରସ୍ୱତୀଙ୍କର ଶୁଭ୍ରତା, ସାତ୍ତ୍ୱିକତା ଓ ଶୁଦ୍ଧତାର ନିଦର୍ଶନ। ଦେବୀ ପ୍ରସ୍ଫୁଟିତ ଶ୍ୱେତପଦ୍ମରେ ବିରାଜିତ। ପଦ୍ମ ଆଧ୍ୟାତ୍ମିକ ଶ୍ରେଷ୍ଠତା ଓ ପ୍ରଜନନର ସୂଚକ। ଏହି ଅନନ୍ତ ସତ୍ୟ ଉପରେ ଦେବୀ ଆରୁଢା ପଦ୍ମାସନରେ। ତାଙ୍କର ଆଶୀର୍ବାଦ ହେଲେ ଶରୀର ମଧ୍ୟରେ ଥିବା କୁଣ୍ଡଳିନୀ ଶକ୍ତି ପଦ୍ମ ପରି ବିକଶିତ ହୁଏ। ଜ୍ଞାନର ଉନ୍ମେଷ ଘଟେ।

ବିବେକର ପ୍ରତୀକ ହଂସ। ହଂସ କ୍ଷୀର ନୀର ମିଶ୍ରଣରୁ କେବଳ କ୍ଷୀର ହିଁ ଗ୍ରହଣ କରିଥାଏ। ଏଣୁ ହଂସ ଅଜ୍ଞାନ ସାଗରରୁ ଜ୍ଞାନରାଶି ଗ୍ରହଣ କରିବାକୁ ନିଜ ଉପାସକମାନଙ୍କୁ ଆହ୍ୱାନ ଦେଇଥାଏ। ସାୟାଣାଚାର୍ଯ୍ୟାଙ୍କ ମତରେ 'ଅହଂ ସଃ'। ମୁଁ ତାହା ଅର୍ଥାତ୍ ଅହଂ ବ୍ରହ୍ମାସ୍ମୀ। ମୁଁ ବ୍ରହ୍ମ ଅଟେ। ହଂସ ଭାବନାରେ ଜୀବାତ୍ମା ପରମାତ୍ମାରେ ଏକାକାର ହୋଇଯାଏ।

ମାଘ ମାସର ଶୁକ୍ଳ ପକ୍ଷ ପଂଚମୀ ତିଥି ସରସ୍ୱତୀଙ୍କର ଅତିପ୍ରିୟ ଜନ୍ମଦିନ। ଏହାର ଅନ୍ୟ ନାମ ବସନ୍ତ ପଂଚମୀ। ବସନ୍ତର ରାଜସିକ ପରିବେଶରେ ସାତ୍ତ୍ୱିକ ଭାବନା ଉଦ୍ରେକ କରିବା ଏହାର ଲକ୍ଷ୍ୟ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଷୋଡ଼ଶ ଉପଚାରରେ ବାଗ୍‌ଦେବୀଙ୍କ ଆରାଧନା କରାଯାଇଥାଏ। ତାଙ୍କର ବିନା କୃପାରୁ ବ୍ୟକ୍ତିର ମୂର୍ଖରୁ ବାକ୍‌ସ୍ଫୁରଣ ହୋଇ ନଥାଏ। ଏହି ପର୍ବରେ ମୃଣ୍ମୟୀ ହୁଅନ୍ତି ଚିନ୍ମୟୀ। ମାତୃଶକ୍ତି ସ୍ୱରୂପିଣୀ ଜଗତ୍‌ବ୍ୟାପିନୀ, ଜଡତାହାରିଣୀ, ବୋଧଶକ୍ତିଦାୟିନୀ ଜ୍ଞାନ ଓ ଉଦ୍ରେକର ଚେତନାକାରିଣୀ ମା' ବୀଣାପାଣି ଜଗତର ଅଜ୍ଞାନ ଅନ୍ଧକାର ଦୂରକରି ଜ୍ଞାନର ଆଲୋକ ପ୍ରଦାନ କରନ୍ତୁ, ଏତିକି ପ୍ରଣତି!

ଉମାଶଙ୍କର ପ୍ରସାଦ, ସ୍ତମ୍ଭକାର ଓ ସମ୍ପାଦକ
ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ. ନଂ-୬୩୭୦୬୭୫୫୬୨

ଆଜିର ଅନୁଚିନ୍ତା

କିଛି ନ ଥାଇ ମଧ୍ୟ ଯଦି ଅଭାବବୋଧ ନ ରହେ, ତେବେ ତାହା ନ ଥାଇ ଥିଲା ଭଳି।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ସା ବିଦ୍ୟା ଯା ବିମୁକ୍ତୟେ...

.....ଡ. ପ୍ରତିଭା ମହାରଥୀ.....

"ତତ୍‌କର୍ମ ଯ ନ ବନ୍ଧାୟ, ସା ବିଦ୍ୟା ଯା ବିମୁକ୍ତୟେ/ଆୟାସାୟ ପରଂ କର୍ମ ଶିଳ୍ପୀନା କଳାନୈପୂଣ୍ୟମ୍ ।।"

ଯେଉଁ କର୍ମ ବନ୍ଧନମୁକ୍ତ କରେ ତାହାହିଁ କର୍ମ, ଯେଉଁ ବିଦ୍ୟା ମୁକ୍ତି ପ୍ରଦାନ କରେ, ତାହାହିଁ ପ୍ରକୃତ ବିଦ୍ୟା। ଏତଦ୍‌ବ୍ୟତୀତ ଆଉ ଯେତେସବୁ କର୍ମ ରହିଗଲା, ସେଥିରେ କେବଳ ଶିଳ୍ପୀର କଳା ନିପୁଣତା ପ୍ରଦର୍ଶିତ ହୋଇଥାଏ। ଏହି ବିଦ୍ୟାର ପ୍ରକୃତ ଦାତ୍ରୀ ଶୁଚିସ୍ମିତା, ଶାରଦା, ଶୁକ୍ଳବସ୍ତ୍ର ପରିହିତା, ମା' ସରସ୍ୱତୀ ପବିତ୍ର ମାଘ ମାସର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଧରାପୃଷ୍ଠରେ ଅବତରଣ କରିଥାନ୍ତି। ସେଥିପାଇଁ କେହି କେହି ଏହି ଦିନଟିକୁ ଶ୍ରୀପଞ୍ଚମୀ ବୋଲି ମଧ୍ୟ ନାମିତ କରିଥାନ୍ତି। କୁହାଯାଏ କି ବେଦବ୍ୟାସ ମହାଭାରତ ରଚନାପାଇଁ ସଂକଳ୍ପ ନେଲାବେଳେ ମାଆଙ୍କୁ ଆରାଧନା କରିଥିଲେ। ମାଘ ଶୁକ୍ଳ ପଞ୍ଚମୀ ତିଥିରେ ମା ପ୍ରକଟ ହୋଇଥିବାରୁ ଏହି ଦିନଟିକୁ ସରସ୍ୱତୀ ପୂଜା ରୂପେ ପାଳନ କରାଯାଏ। କୁହାଯାଏ "ଭାରତସ୍ୟ ପ୍ରତିଷ୍ଠେ ଦ୍ୱେ ସଂସ୍କୃତଂ, ସଂସ୍କୃତିସ୍ତଥା"- ଅର୍ଥାତ୍ ଭାରତବର୍ଷର ପ୍ରତିଷ୍ଠା ଏହାର ସଂସ୍କୃତ ଭାଷା ଓ ସଂସ୍କୃତି ଉପରେ ଦଣ୍ଡାୟମାନ। ମହାଭାରତୀୟ ସଂସ୍କୃତିରେ, ଦେବୀଙ୍କର ନାମ ମହାସରସ୍ୱତୀ, ନଦୀର ନାମ ସରସ୍ୱତୀ, ମୁନିଋଷି, ସିଦ୍ଧସାଧକ, ତପସ୍ୱୀଙ୍କର ନାମ ସରସ୍ୱତୀ, ସମ୍ମାନର ନାମ ସରସ୍ୱତୀ ଓ ପରିଶେଷରେ ବିଦ୍ୟାମନ୍ଦିର ଗୁଡ଼ିକର ନାମ ମଧ୍ୟ ସରସ୍ୱତୀ ନାମରେ ଅଳଙ୍କୃତ କରାଯାଇଛି। ତେବେ ଦେବୀରୂପା ହୁଅନ୍ତୁ, କି ନଦୀରୂପା ସରସ୍ୱତୀ ଆରାଧନା ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଶାକ୍ତ ମନ୍ତ୍ରରେ ଶ୍ରୀମନ୍ଦିରରେ ରତ୍ନବେଦୀରେ ମହାକାଳୀ ଭାବେ ଶ୍ରୀଜଗନ୍ନାଥ, ମହାଲକ୍ଷ୍ମୀ ଭାବେ ସୁଭଦ୍ରା ଓ ମହାସରସ୍ୱତୀ ଭାବେ ଶ୍ରୀବଳଭଦ୍ର ବିରାଜମାନ କରିଛନ୍ତି। ମା ସରସ୍ୱତୀଙ୍କ ମହିମା ଅନନ୍ତ, ଅସୀମ, ଅବର୍ଣ୍ଣନନୀୟ। ସେ ବିଶ୍ୱରୂପା, ସର୍ବରୂପା, ବ୍ୟକ୍ତରୂପା, ଅବ୍ୟକ୍ତରୂପା ଦେବୀ ଭାବରେ ସ୍ୱୀକୃତି ଲାଭ କରିଛନ୍ତି। ମହାକବି 'କାଳିଦାସ' ସରସ୍ୱତୀଙ୍କୁ ନଦୀ ଓ ବାଣୀ ଦେବୀ, ଅଶ୍ୱଘୋଷ ସରସ୍ୱତୀଙ୍କୁ ବେଦବାଣୀ, 'ଭାରବୀ' ଓ 'ମାଘ' ସରସ୍ୱତୀ ଓ ଭାରତୀ ନାମରେ, 'ଶ୍ରୀହର୍ଷ' ନଦୀ ଓ ବିଦ୍ୟାଦାତ୍ରୀ ନାମରେ, 'ଭବଭୂତି' ବାଗ୍‌ଦେବୀ ନାମରେ ମା ସରସ୍ୱତୀଙ୍କୁ ସ୍ତୁତି କରିଅଛନ୍ତି। କେହି କେହି ମତ ଦିଅନ୍ତି ସ୍ୱୟଂ ଶ୍ରୀକୃଷ୍ଣଙ୍କ ଦ୍ୱାରା ମା ସରସ୍ୱତୀଙ୍କ ଆରାଧନା ପାଇଁ ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିଟି ସ୍ଥିରୀକୃତ କରାଯାଇଛି। 'ଶ୍ରୀଶ୍ରୀ ସରସ୍ୱତୀ ପୁରାଣ' ମତରେ,

"ପ୍ରତିବର୍ଷ ମାଘମାସ ଶୁକ୍ଳ ପଞ୍ଚମୀରେ
ସମସ୍ତେ କରିବେ ପୂଜା, ତୁମକୁ ସାଦରେ।
ନରଜନ୍ମେ ଯେ ତୁମକୁ ପୂଜା ନ କରିବ
ତାହା ସମ ପାପୀ ନାହିଁ ବୋଲି ଯେ ଜାଣିବ।"

କଥିତ ଅଛି, ପ୍ରାଚୀନ କାଳରେ ମହାମୂର୍ଖ କାଳିଦାସ ବାଗ୍‌ଦେବୀଙ୍କ କୃପାରୁ ମହାଜ୍ଞାନୀ, ମହାକବି 'କାଳିଦାସ'ରେ ରୂପାନ୍ତରିତ ହୋଇଥିଲେ। ତାଙ୍କ ସମ୍ବନ୍ଧରେ ଏକ ରୋଚକ କଥା ସାହିତ୍ୟ ଜଗତର ଏକ ମନୋଜ୍ଞ ଅଧ୍ୟାୟ। ଦେବୀଙ୍କର ଦିବ୍ୟ ରୂପମାଧୁରୀ ଅବଲୋକନରେ କାଳିଦାସଙ୍କ ମୁଖରୁ ଯୁଗପତ୍ ନିଃସୃତ ହୋଇଥିଲା– ***"କଜ୍ଜଳ ପୂରିତ ଲୋଚନଧାରେ, ସ୍ତନଯୁଗ ଶୋଭିତ ମୁକ୍ତାହାରେ, ବୀଣା ପୁସ୍ତକ ରଞ୍ଜିତ ହସ୍ତେ, ଭଗବତୀ ଭାରତୀ ଦେବୀ ନମସ୍ତେ।"***

କଥିତ ଅଛି ଯେ, ନଦୀଜଳରେ ସ୍ନାନ କରିବା ସମୟରେ ଦେବୀ ସରସ୍ୱତୀ କାଳିଦାସଙ୍କୁ ସାକ୍ଷାତ ଦର୍ଶନ ଦେଇ ତାଙ୍କର ସାତ ଜନ୍ମର ଅଜ୍ଞତା ଦୂର କରିଥିଲେ। ଏହି ସମୟରେ ଦେବୀ ବୀଣାପାଣିଙ୍କର ପଦଯୁଗଳ ନଦୀ ଜଳରେ ନିମଗ୍ନ ରହିଥିବାରୁ କାଳିଦାସଙ୍କ ଦୃଷ୍ଟିପଥାରୂଢ଼ ହୋଇପାରିନଥିଲା। ଫଳତଃ କାଳିଦାସ ତାଙ୍କ ଚାରୁଚରଣ ଯୁଗଳର ବର୍ଣ୍ଣନା ନ କରି, କଜ୍ଜଳ ମଣ୍ଡିତ ନେତ୍ରଦ୍ୱୟର ବର୍ଣ୍ଣନା ସର୍ବପ୍ରଥମେ କରିଥିଲେ ଏବଂ ଅପରାଧ ସ୍ୱରୂପ କାଳିଦାସ ସର୍ବତ୍ର ପାଣ୍ଡିତ୍ୟର ପରାକାଷ୍ଠା ପ୍ରଦର୍ଶନ ସତ୍ତ୍ୱେ 'ବିଦ୍ୟାନଗରୀ'ରେ ପରାସ୍ତ ହେବାର ଅଭିଶାପ ପ୍ରାପ୍ତହେଲେ। ସେହିପରି ଶୂଦ୍ର, ନିରକ୍ଷର ସାଧୁ "ସାରଳା ଦାସ" ମାଆଙ୍କ କୃପାରୁ "ମହାଭାରତ" ଓ "ବିଲଙ୍କା ରାମାୟଣ" ଲେଖି ପାରିଥିଲେ। ଆଜନ୍ମ "ଅନ୍ଧ ଭୀମଭୋଇ" ଅନେକ ଉପାଦେୟ ଭଜନ, ଜଣାଣ ଓ "ସ୍ତୁତି ଚିନ୍ତାମଣି" ଲେଖି ଅମର ହୋଇପାରିଛନ୍ତି। 'କବିସମ୍ରାଟ ଉପେନ୍ଦ୍ରଭଞ୍ଜ', 'କବିସୂର୍ଯ୍ୟ ବଳଦେବ ରଥ', 'ସ୍ୱଭାବକବି ଗଙ୍ଗାଧର ମେହେର' ମଧ୍ୟ ସରସ୍ୱତୀଙ୍କ ଆରାଧନା କରି ତାଙ୍କ ବରପୁତ୍ର ହୋଇପାରିଛନ୍ତି।

ଋତୁରାଜ ବସନ୍ତର ଆଗମନରେ ବାଗ୍‌ଦେବୀ ପବିତ୍ରତାର ପ୍ରତୀକ ରୂପେ ଶ୍ୱେତବସ୍ତ୍ର ପରିହିତା, ଶ୍ୱେତ ହଂସାରୁଢ଼ା, ଶ୍ୱେତ ପଦ୍ମାସନା ହୋଇ ମନ୍ଦମନ୍ଦ ହସରେ ଶୁଚିସ୍ମିତା ନାମକୁ ସାର୍ଥକ କରି ଅଜ୍ଞାନ ଅନ୍ଧାର, ଦୁଃଖ, ନିରାଶା ଦୂର କରିବାକୁ ଆବିର୍ଭୂତ ହୋଇଥାନ୍ତି। ଜ୍ଞାନର ଆରାଧନା ପାଇଁ ପବିତ୍ରତା ଏକାନ୍ତ ଆବଶ୍ୟକ। ସରସ୍ୱତୀଙ୍କ ହାତରେ ଥିବା ସ୍ଫଟିକର ମାଳା ହେଲା ଧ୍ୟାନର ପ୍ରତୀକ। ବିଦ୍ୟାର୍ଥୀ ପାଇଁ ଧ୍ୟାନ ମଧ୍ୟ ଏକାନ୍ତ ଆବଶ୍ୟକ। ଧ୍ୟାନ ମାନସିକ ଏକାଗ୍ରତାର ପ୍ରତୀକ। ମରାଳବାହିନୀ, ମା ସରସ୍ୱତୀ ଶ୍ୱେତପଦ୍ମ ଉପରେ ବିରାଜମାନା। ସେ ବାକ୍ୟ ଓ ସ୍ୱର ବା ସଙ୍ଗୀତର ଅଧିଷ୍ଠାତ୍ରୀ ଦେବୀ। ମା ହେଉଛନ୍ତି ଚତୁର୍ଭୁଜା। ଦୁଇ ହସ୍ତରେ ବୀଣାବାଦନ କରୁଥାନ୍ତି। ଅନ୍ୟ ଦୁଇ ହସ୍ତରେ ପୁସ୍ତକ ଓ ସ୍ଫଟିକମାଳା ଧାରଣ କରିଥାନ୍ତି। ସେଥିପାଇଁ ମା ହେଉଛନ୍ତି ସର୍ବଶୁକ୍ଳା। ସଙ୍ଗୀତ ହୃଦୟର ପ୍ରତୀକ ଓ ପୁସ୍ତକ ମସ୍ତିଷ୍କର ପ୍ରତୀକ। ଅର୍ଥାତ୍ ମା ପରୋକ୍ଷ ଭାବରେ ଇଙ୍ଗିତ କରିଥାନ୍ତି ହୃଦୟ ଓ ମସ୍ତିଷ୍କର ସମନ୍ୱୟରେ ଯେଉଁ ବିଦ୍ୟାର ସୃଷ୍ଟି ହୋଇଥାଏ ତାହାହିଁ ହୁଏ କାଳଜୟୀ ସୃଷ୍ଟି। ଦେବୀ ଦୁଇ ହସ୍ତରେ ବୀଣାବାଦନ କରି ଗାନ କରୁଛନ୍ତି 'ପରମ ସତ୍ୟ'ର ସୁମଧୁର ସଙ୍ଗୀତ।

ପୁରାଣରେ ଥିବା ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ସୃଷ୍ଟି ନିର୍ମାଣ ପରେ ଦେଖିଲେ ଯେ ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସୃଷ୍ଟି ମୃତପ୍ରାୟ ଶାନ୍ତ ରହିଛି। ସୃଷ୍ଟିରେ କୌଣସି ସ୍ୱର କିମ୍ବା ବାଣୀ ନାହିଁ। ଉଦାସ ସୃଷ୍ଟିକୁ ଦେଖି ବ୍ରହ୍ମଦେବ ନିରାଶ ଏବଂ ଦୁଃଖୀ ହୋଇପଡ଼ିଲେ। ବ୍ରହ୍ମଦେବ ପାଳନକର୍ତ୍ତା ଭଗବାନ ବିଷ୍ଣୁଙ୍କ ନିକଟକୁ ଗଲେ ଏବଂ ନିଜ ଉଦାସୀନ ସୃଷ୍ଟି ବିଷୟରେ କହିଲେ। ବ୍ରହ୍ମଦେବଙ୍କ କଥା ଶୁଣିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ମାତା ସରସ୍ୱତୀଙ୍କୁ ଆବାହନ କରିବାକୁ କହିଲେ। କେବଳ ମାତା ସରସ୍ୱତୀ ହିଁ ଏହି ସମସ୍ୟାର ସମାଧାନ କରିପାରିବେ ବୋଲି ଭଗବାନ ବିଷ୍ଣୁ କହିଲେ। ଭଗବାନ ବିଷ୍ଣୁଙ୍କ କଥନ ଅନୁଯାୟୀ ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଆବାହନ କଲେ। ଦେବୀ ହାତରେ ବୀଣା ଧରି ପ୍ରକଟ ହେଲେ। ବୀଣାରେ ସୃଷ୍ଟିରେ ସ୍ୱର ଭରିବା ଲାଗି ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଅନୁରୋଧ କଲେ। ଦେବୀ ସରସ୍ୱତୀ ବୀଣାର ତାରକୁ ଛୁଇଁବା କ୍ଷଣି ସେଥିରୁ 'ସା' ଶବ୍ଦ ଉତ୍ପନ୍ନ ହେଲା। ଏଥିରୁ ସଂଗୀତର ପ୍ରଥମ ସ୍ୱର ଜନ୍ମ ନେଲା। ସା ସ୍ୱରର କମ୍ପନ ସହିତ ବ୍ରହ୍ମାଙ୍କ ମୂକ ସୃଷ୍ଟିରେ ଧ୍ୱନି ସଞ୍ଚରିତ ହେଲା। ବାୟୁ, ସାଗର, ପଶୁପକ୍ଷୀ ଏବଂ ଅନ୍ୟ ଜୀବଙ୍କୁ ବାଣୀ ମିଳିଗଲା। ନଦୀରେ କୁଳୁକୁଳୁ ସ୍ୱର ଭରିଗଲା। ଏହା ଦେଖି ବ୍ରହ୍ମଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ। ସେ ସରସ୍ୱତୀଙ୍କୁ ବାଣୀର ଦେବୀ ନାମରେ ସମ୍ବୋଧିତ କରିବା ସହ 'ବାଗେଶ୍ୱରୀ' ନାମ ଦେଲେ। ହାତରେ ବୀଣା ଥିବା କାରଣରୁ ସେ ବୀଣାପାଣି ନାମରେ ଖ୍ୟାତ ହେଲେ। ବିଦ୍ୟା କିମ୍ବା ସଙ୍ଗୀତ କଳାକୁ କେହି ଅପହରଣ କରି ନେଇପାରେ ନାହିଁ।

ଶାସ୍ତ୍ରରେ ବିଦ୍ୟାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି – ପରାବିଦ୍ୟା ଓ ଅପରାବିଦ୍ୟା। ବ୍ରହ୍ମବିଦ୍ୟା ହେଲା ପରା ଓ ଅନ୍ୟସବୁ ବିଦ୍ୟା ହେଲା ଅପରା ବିଦ୍ୟା। ତେବେ ଯେକୌଣସି ଜ୍ଞାନକୁ ଆୟତ୍ତ କରିବାକୁ ହେଲେ ଆମକୁ ସରସ୍ୱତୀଙ୍କ ଉପାସନା କରିବାକୁ ପଡ଼ିବ। ଦେବୀଙ୍କ ଉପାସନା କରିବା ଅର୍ଥ 'ଶବ୍ଦ' ସାଧନା କରିବା, କାରଣ ଦେବୀ ହେଉଛନ୍ତି 'ଶବ୍ଦ' ବା 'ବାକ୍ୟ'ର ଦେବୀ। ଶବ୍ଦ ସାଧନା ବ୍ୟତିରେକ ଖାଲି ବାହ୍ୟ ପୂଜାରେ କିଛି ଫଳ ମିଳିନଥାଏ। ବାକ୍ୟଦେବୀଙ୍କ ପ୍ରସାଦରୁ ବାକ୍ୟ ଉପରେ ନିୟନ୍ତ୍ରଣ ଆସିଥାଏ। ମହାଜ୍ଞାନୀ ମହାବଳଶାଳୀ ହନୁମାନ ଜିହ୍ୱା ଉପରେ ନିୟନ୍ତ୍ରଣ ଆଣିପାରିଥିବାରୁ 'ସୁରସା'କୁ ଦମନ କରି ସମୁଦ୍ର ପାରିହୋଇ ଲଙ୍କାରେ ପହଞ୍ଚି ପାରିଥିଲେ। କୁହାଯାଏ ଚାଖଣ୍ଡେ ବା ତିନି ଆଙ୍ଗୁଳିର ଜିହ୍ୱା ଯେତେବେଳେ ସାଢ଼େ ତିନିହାତ ବା ଚଉରାଅଶୀ ଆଙ୍ଗୁଳିର ଶରୀର ଉପରେ ଶାସନ କରିବସେ, ସେତେବେଳେ ସୁଖ, ଶାନ୍ତି, ଆନନ୍ଦର କ୍ଷୟ ହିଁ ହୋଇଥାଏ। ଭାଗବତରେ ମଧ୍ୟ ବର୍ଣ୍ଣନା ଅଛି– ***"ଅମୃତ ବିନୟ ବଚନ। କହି ତୋଷିବ ପ୍ରାଣୀ ମନ।।"***

ମଧୁର ବାଣୀର ପ୍ରଭାବରେ ଅନେକ ଅସମ୍ଭବ କାର୍ଯ୍ୟ ମଧ୍ୟ ସମ୍ଭବ ହୋଇଥାଏ। ଏ ସଂକ୍ରାନ୍ତରେ ଏକ ଘଟଣା ଉପସ୍ଥାପନ କରୁଛି।

ଶିଷ୍ୟମାନଙ୍କ ସହ ଉତ୍ତରଭାରତ ଯାତ୍ରାରେ ଥିଲେ ସନ୍ଥ ମଧ୍ୱାଚାର୍ଯ୍ୟ। ରାସ୍ତାରେ ଏକ ବିରାଟ ପ୍ରତିବନ୍ଧକ ଆସିଲା। ବିଶାଳ ଗଙ୍ଗାନଦୀ ଯାତ୍ରା ପଥରେ ପଡ଼ିଲା। କିପରି ଆଗକୁ ଯିବେ, ଏହି ଭାବନାରେ ଶିଷ୍ୟମାନେ ବିଚଳିତ ହୋଇପଡ଼ିଲେ। ସେମାନଙ୍କର ମନୋଭାବ ଲକ୍ଷ୍ୟ କରି ଗୁରୁ କହିଲେ – ଆମେ ଯେତେବେଳେ ଭବସାଗର ପାରି ହେବାକୁ ନିର୍ଣ୍ଣୟ ନେଇଛୁ, ଏଇ ସାମାନ୍ୟ ନଦୀକୁ ଡରିଲେ ତାହା କିପରି ବା ସମ୍ଭବ ହେବ? ଦୃଢ଼ ସଂକଳ୍ପ ଓ ଗଭୀର ଈଶ୍ୱରବିଶ୍ୱାସକୁ ପାଥେୟ କରି ସେ ନିଜେ ନଦୀ ଭିତରକୁ ପଶିଗଲେ ଓ ଶିଷ୍ୟମାନଙ୍କୁ ଅନୁକରଣ କରିବାକୁ କହିଲେ। ପଛେପଛେ ଯାଉଥିବା ଶିଷ୍ୟମାନେ ଆଶ୍ଚର୍ଯ୍ୟ ହୋଇଗଲେ ନଦୀର ଉତ୍ତାଳ ତରଙ୍ଗ ଓ ପ୍ରଖର ସ୍ରୋତ ଶାନ୍ତ ହୋଇଯିବାର ଦେଖି। ଶିଷ୍ୟମାନଙ୍କ ସହ ନଦୀ ପାର ହୋଇଗଲେ ସନ୍ଥ; କିନ୍ତୁ ମହରଗରୁ ଯାଇ କାନ୍ତାରରେ ପଡ଼ିବା ସଦୃଶ ହେଲା। ନଦୀ ପାର ହୋଇ ସେମାନେ

ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

ସୁବ୍ରତ କୁମାର ମହାନ୍ତି

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।

ପ୍ରସ୍ତୁତି ପ୍ରଣାଳୀ :

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର

ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

ପ୍ରସ୍ତୁତ ସମୟର ସତର୍କତା :

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।

ଜିଆଖତର ପ୍ରୟୋଗ :

 କ୍ଷେତ୍ର ଫସଲ ବା ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ

ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଳମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା

୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ

୩. ମିଶ୍ରିତ କୃଷି

୪. ଅଧିକ ଅମଳ କରିପାରୁଥିବା ବିହନ

୫. ନୂତନ ଯନ୍ତ୍ରପାତିର ପ୍ରୟୋଗ

୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓୟୁଏଟି

ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା

ବିଜ୍ଞାନ ମିହିର ରାଉତ

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି । ଏହାର ମୂଳ ବାସସ୍ଥାନ ଆଫ୍ରିକା । ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା । କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା । ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୂତପୂର୍ବ ସଫଳତା ହାସଲ କରାଯାଇଥିଲା ।ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି ।ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ । ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ । ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି ।

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ । ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ । ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ । ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ । ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ । ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ । ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା । ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି ।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି । ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର । ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ । ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ । ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ । ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ । ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ । ସେହିପରି ଚୀନ୍, ମାଲେସିଆ ଓ ଡିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ପିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଗନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ ।

ପୋଖରୀ ଚାଷ- ଫିଲିପାଇନ୍ସରେ ଟିଲାପିଆକୁ ଏକୁଳି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମିଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି । ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ପୋହିତ ଭାବେ ଚାଷ କରାଯାଇଥାଏ । ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ । ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ । ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ । ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ । ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି । ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ । ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ । କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ । ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ । କ



ଜିଲ୍ଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ

ବାଲେଶ୍ୱର (ପିଏନ୍)- ଜିଲ୍ଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ବାଲେଶ୍ୱର ସଦର ମହକୁମାସ୍ଥିତ ରିଜର୍ଭ ପୋଲିସ ପରେଡ୍ ପଡିଆଠାରେ ପାଳିତ ହୋଇଯାଇଛି । ଏଥିରେ ଓଡିଶା ସରକାରଙ୍କ ମାନ୍ୟବର ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସକାଳ ଘ୮.୩୦ମି. ସମୟରେ ଜାତୀୟ ପତାକା ଉତୋଳନ କରିବା ସହିତ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ଭାରତବର୍ଷରେ ସାର୍ବଭୌମତ୍ୱ ଓ ଗଣତନ୍ତ୍ରକୁ ସ୍ଥାୟୀ ପ୍ରତିଷ୍ଠା ଦେବା ଉଦ୍ଦେଶ୍ୟରେ ଆମ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ଅକ୍ଷୁଣ୍ଣ ରଖିବା ପାଇଁ ଶାସନ ବ୍ୟବସ୍ଥାର ଖସଡା ଆଜିର ଦିନରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇଥିଲା । ତେଣୁ ଆଜିର ଦିବସ ଦେଶବାସୀଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ ଓ ସ୍ମରଣୀୟ ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ । ଏହି ଅବସରରେ ସେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ହୋଇଥିବା ସ୍ୱାଧୀନତା ସଂଗ୍ରାମ, ସମ୍ବିଧାନ ପ୍ରଣୟନ ସଭାର ଅଧ୍ୟକ୍ଷ ଭାରତରତ୍ନ ଡ. ବି.ଆର.ଆମ୍ବେଦକରଙ୍କ ନେତୃତ୍ୱରେ ସ୍ଥାୟୀ ସମ୍ବିଧାନ ପ୍ରସ୍ତୁତି ଓ କାର୍ଯ୍ୟକାରୀ ପାଇଁ ହୋଇଥିବା ଉଦ୍ୟମ ଏବଂ ଭାରତୀୟ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସାମ୍ୟ, ମୈତ୍ରୀ, ଏକତା ଓ ଉଦାରତା ଇତ୍ୟାଦିର ବିଚାର ଆମ ସମ୍ବିଧାନର ଆଧାରଶିଳା । ସଂଘୀୟ ଶାସନ ବ୍ୟବସ୍ଥା, ବିଭିନ୍ନତା ମଧ୍ୟରେ ଏକତା, ସାବାଳକ ଭୋଟପ୍ରଥା, ନାଗରିକ ମୌଳିକ ଅଧିକାର, ସ୍ୱାଧୀନ ନ୍ୟାୟପାଳିକା, ସରକାରଙ୍କ ସାମୂହିକ ଦାୟିତ୍ୱବୋଧତା, ଦ୍ୱିସଦନ ସଂସଦ ବ୍ୟବସ୍ଥା ଏବଂ ସ୍ୱାଧୀନ ନିର୍ବାଚନ ଆୟୋଗ ଆମ ସମ୍ବିଧାନର ବିଶେଷତ୍ୱ ହୋଇଥିବା ବେଳେ ବିଶ୍ୱର ସମସ୍ତ ସମ୍ବିଧାନଙ୍କ ମଧ୍ୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଦୃଷ୍ଟାନ୍ତମୂଳକ ବୋଲି ମାନ୍ୟବର ମନ୍ତ୍ରୀ ବକ୍ତବ୍ୟ ରଖିଥିଲେ । ସେହିପରି ଦେଶର ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଜିଲ୍ଲାର ଅବଦାନକୁ ଐତିହାସିକ ଓ ଗବେଷକମାନେ କୃତଜ୍ଞତାର ସହ ସ୍ୱୀକାର କରିଥିବା ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଥିଲେ । ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଏବଂ ଭାରତଛାଡ ଆନ୍ଦୋଳନରେ ବାଲେଶ୍ୱର ଜିଲ୍ଲାର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ପରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ବାଲେଶ୍ୱର ଜିଲ୍ଲାବାସୀ ପ୍ରଦର୍ଶନ କରିଥିବା ଅସୀମ ଧୈର୍ଯ୍ୟ, ଅନନ୍ୟ ସହନଶୀଳତା ଆଜି ଇତିହାସର ବିଷୟବସ୍ତୁ । ଦେଶୀୟ ରାଜ୍ୟ ମିଶ୍ରଣରେ ତତ୍କାଳୀନ ଗଡଜାତ ନୀଳଗିରିବାସୀଙ୍କ ମହାନତା ସ୍ମରଣୀୟ ହୋଇଥିବା ବେଳେ ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ବାଲେଶ୍ୱର ମାଟିର ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡିଆ ଭାଷାର ସ୍ୱତନ୍ତ୍ରତା ପ୍ରତିପାଦନ କ୍ଷେତ୍ରରେ ଚିରସ୍ମରଣୀୟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଅତୁଳନୀୟ ଅବଦାନ ନିକଟରେ ସାରା ଓଡିଆ ଜାତି ଆଜି ନତମସ୍ତକ । ଏଥି ସହିତ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ, କବି, ଲେଖକୀୟ ପ୍ରତିଭା, ଜିଲ୍ଲାର ବେଳାଭୂମି, ପ୍ରାକୃତିକ ସମ୍ପଦ, ଐତିହାସିକ ଓ ପର୍ଯ୍ୟଟନସ୍ଥଳୀଗୁଡିକ ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ନିଜ ବକ୍ତବ୍ୟରେ ଉଲ୍ଲେଖ କରି ଜିଲ୍ଲାର ସାଂସ୍କୃତିକ ଐତିହ୍ୟକୁ ଏହା ପ୍ରତିପାଦିତ କରିପାରିଥିବା କହିଥିଲେ । ସମଗ୍ର ଦେଶର କଲ୍ୟାଣ ଓ ସାର୍ବଭୌମତ୍ୱର ସୁରକ୍ଷା, ଏକତା,ଅଖଣ୍ଡତାର ସଂରକ୍ଷଣ, ଏକତା ମଧ୍ୟରେ ବିବିଧତାର ଐଶର୍ଯ୍ୟ ପ୍ରତି ଆନ୍ତରିକତା, ସମ୍ବିଧାନ ସ୍ୱୀକୃତ ନୀତିନିୟମର ଅନୁପାଳନକୁ ସାଧାରଣତନ୍ତ୍ର ଦିବସର ସଂକଳ୍ପ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ । ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । କୋଭିଡ୍ କଟକଣା ଲାଗି ପୋଲିସର ଦୁଇଟି କଂଟିଜେଂଟଙ୍କ ସମେତ ପୋଲିସ ବ୍ୟାଣ୍ଡ ଏଥିରେ ଯୋଗ ଦେଇଥିଲେ । ସର୍ଜେଂଟ୍ ଶ୍ରୀ ପ୍ରବୀର କୁମାର କହଁର ରାଷ୍ଟ୍ରୀୟ ସାଲ୍ୟୁଟ୍‌ର ନେତୃତ୍ୱ ନେବା ସହିତ ମୁଖ୍ୟ ଅତିଥିଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ସେକେଣ୍ଡ-ଇନ-କମାଣ୍ଡ ଶ୍ରୀ ରାଜୀବ କୁମାର ମାର୍ଣ୍ଡି ତାଙ୍କୁ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର କୋଭିଡ ଯୋଦ୍ଧାମାନେ ସାମିଲ ହୋଇଥିବା ବେଳେ ମାନ୍ୟବର ମନ୍ତ୍ରୀ ପରେଡ୍ ପଡିଆରେ ସେମାନଙ୍କୁ ଭେଟିବା ସହିତ ବାର୍ତାଳାପ କରିଥିଲେ । ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ତାଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଜିଲ୍ଲାସ୍ତରୀୟ ସମାରୋହରେ ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ, ପିଡି ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କୋଭିଡ ନିୟମାବଳୀ ଓ କଟକଣାର ଅନୁପାଳନ ସହ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ସାଧାରଣତନ୍ତ୍ର ଦିବସ ସମାରୋହକୁ ସୀମିତ ସଂଖ୍ୟକ ଅତିଥିଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଦିବସ ପାଳନ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ରୋଗୀ କଲ୍ୟାଣ ସମିତି ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଂଟନ କରାଯାଇଥିଲା । ବାଲେଶ୍ୱର ପୌରପାଳିକା ତରଫରୁ ଉତ୍କଳ ବାଳାଶ୍ରମରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱର ପୌରାଂଚଳରେ ରାମଧୂନ ପରିବେଷଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଶ୍ରୀ ପୁରୁଷୋତମ ସେଠୀ, ରାହୁଲ ସିଂ, ସତ୍ୟସାଗର ମଣ୍ଡଳ, କାର୍ତିକ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

କେନ୍ଦ୍ରାପଡା କଲେଜରେ ବେଣୁଧର ପ୍ରଧାନ ସ୍ମାରକୀ ବକ୍ତୃତା ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ପୌରହିତ୍ୟରେ ବେଣୁଧର ପ୍ରଧାନ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତି ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ବର୍ତ୍ତମାନର ଓଡିଆ ବିଶ୍ୱ ବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ବିଜୟ ନାୟକ ଏହି ବକ୍ତୃତା ପ୍ରଦାନ କରିଥିଲେ । ବେଣୁଧର ପ୍ରଧାନ କେନ୍ଦ୍ରାପଡା ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଥିଲେ ଏବଂ ଏହି କଲେଜର ନୀଳନକ୍ସା ତିଆରି କରିଥିଲେ । ବାଣୀବିହାର ରାଜନୀତି ବିଜ୍ଞାନ ବିଭାଗରେ ଯୋଗଦେଇ ସେ ଗାନ୍ଧୀ ବିଚାର ଅଧ୍ୟୟନ ପାଇଁ ଏକ ବିଭାଗ ସୃଷ୍ଟି କରିଥିଲେ । ସେ ରାଜନୀତି ବିଜ୍ଞାନ ଅପେକ୍ଷା ନୀତି କଥା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ସେ କ୍ୟାରିଅର ଅପେକ୍ଷା ଭଲ ନାଗରିକ ଓ ଚରିତ୍ର ଗଠନ ଉପରେ ଅଧିକ ଧ୍ୟାନ ଦେବାକୁ କହୁଥିଲେ । ଶ୍ରୀ ନାୟକ ଗାନ୍ଧୀଙ୍କ ଆଠଥର ଓଡିଶା ଆଗମନ ଓ ଓଡିଶା ସହ ଗାନ୍ଧୀଙ୍କ ଭାବଗତ ସମ୍ପର୍କ ବିଷୟରେ ଉଲ୍ଲେଖ କରିଥିଲେ । ଗାନ୍ଧୀ ଓଡିଶା ସମ୍ପର୍କରେ ପ୍ରଶ୍ନ କଲାରୁ ଏହା କଲିକତା ଓ ମାଡ୍ରାସ ମଧ୍ୟରେ ଏକ ସ୍ଥାନ ବୋଲି ତାଙ୍କୁ ଧାରଣା ଦିଆଯାଇଥିଲା । ବଙ୍ଗଳାକୁ ଦୁଇ ଭାଗ କରିଥିବାରୁ ବଙ୍ଗଭଙ୍ଗ ଆନ୍ଦୋଳନ ହୋଇଥିଲା । କିନ୍ତୁ ଓଡିଶା ୪ଭାଗ ହେଲା ପରେବି ଓଡିଶା ନୀରବ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପ୍ରସ୍ତାବକୁ ସେ ସମର୍ଥନ କରିଥିଲେ ଓ ଏହିଠାରେ ବ୍ରିଟିଶକୁ ସଇତାନ ଜାତି ବୋଲି କହିଥିଲେ । ଗାନ୍ଧୀଙ୍କ ଆଗମନ ପରେ ଅର୍ଥାତ ୧୯୨୧ପରଠୁ ଆନ୍ଦୋଳନ ତୀବ୍ରତର ହୋଇଥିଲା ଏବଂ ଲବଣ ସତ୍ୟାଗ୍ରହରେ ଦାଣ୍ଡିପରେ ଓଡିଶାରେ ଏହା ଅଧିକ ବ୍ୟାପକ ହୋଇଥିଲା । ଓଡିଶା ସେତେବେଳେ ୬ଟି ବ୍ୟାଧି ଯଥା ରୋଗ, ଭୟ, ଆଳସ୍ୟ, ନୈରାଶ୍ୟ, ଅସ୍ପୃଶ୍ୟତା ଓ ନିଶାରେ ଆକ୍ରାନ୍ତ ହେବା କଥା ସେ ଉତଥାପନ କରିଥିଲେ । ଗାନ୍ଧୀଙ୍କ ଆନ୍ଦୋଳନର ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋଚନାକରି ଲୁଗା ଓ ଲୁଣ ପ୍ରସଙ୍ଗ ଉତଥାପନ କରିଥିଲେ । ୨ହଜାର ବର୍ଷ ତଳେ ଏହି ଓଡିଶା କିପରି କଳିଙ୍ଗ ଯୁଦ୍ଧରେ ଅଶୋକଙ୍କ ହୃଦୟ ପରିବର୍ତ୍ତନ କରିପାରିଥିଲା କହିବା ସହ ଗାନ୍ଧୀଙ୍କ ଓଡିଶା ସହ ଭାବଗତ ସମ୍ପର୍କର ଏହା ଆଧାର ହୋଇପାରେ ବୋଲି କହିଥିଲେ । ମଧୁବାବୁ ଓ ଗୋପବନ୍ଧୁଙ୍କ ପ୍ରଭାବ କଥା ମଧ୍ୟ କହିଥିଲେ । ଅଧ୍ୟାପକ ତପନ କୁମାର ପତି ଅତିଥି ପରିଚୟ ଓ ସ୍ମାରକୀ ବକ୍ତୃତା ଉପରେ ସୂଚନା ପ୍ରଦାନ କରିଥିଲେ । କଲେଜ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା, ବେଣୁଧର ପ୍ରଧାନଙ୍କ ଉପରେ ବକ୍ତବ୍ୟ ରଖିଥିଲେ । ଏହି ସଭାରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା, ଡଃ. ରାମଚନ୍ଦ୍ର ବେହେରା, ଡଃ. ସେକ ସମସୁର, କୈଳାସ ଚନ୍ଦ୍ର ବରାଳ, ଅଜୟ ସାମଲ, ବାସୁଦେବ ଦାସ, ଅମୁଲ୍ୟ ମଲ, ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ. ପ୍ରମୋଦ କୁମାର ଦାସ, ଡଃ. ଦେବେନ୍ଦ୍ର ନାଥ ଗୋଛାୟତ, ପ୍ରାଧ୍ୟାପକ ସଞ୍ଜିବ ମହାନ୍ତି, ରାମଚନ୍ଦ୍ର ପାତ୍ର, ମନୋରଞ୍ଜନ ମହାନ୍ତି, ରମାନାଥ ମହାନ୍ତି, ସେକ ସାହାବୁଦ୍ଦିନ ଅଲ୍ଲୀ, ଡଃ. ଗୌରପ୍ରସାଦ ଷଡଙ୍ଗୀ, ରଞ୍ଜିତ କୁମାର ଦାସଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ,ଅଧ୍ୟାପିକା, କର୍ମଚାରୀମାନେ ଉପସ୍ଥିତ ଥିଲେ । ସଂଯୋଜକ ଅଧ୍ୟାପକ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଅର୍ଚ୍ଚନା ସ୍ୱାଇଁ ଏହାକୁ ସଂଚାଳନ କରିଥିଲେ । ଉପଯୁକ୍ତ ବ୍ୟବଧାନ ଓ ସମସ୍ତ କୋଭିଡ ନିୟମ ଅନୁପାଳନ ପୂର୍ବକ ଏହି ସ୍ମାରକୀ ବକ୍ତୃତା କରାଯାଇଥିଲା ।

ବିଶିଷ୍ଟ ସଂଗ୍ରାମୀଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା (ପିଏନ୍): ବିଶିଷ୍ଟ ସଂଗ୍ରାମୀ ତଥା ଦୁଃଖିନୀ କନିକାର ରଚୟିତା ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ସୁପୁତ୍ର ଅନିଳ ଚନ୍ଦ୍ର ଜେନାଙ୍କର ୮୦ବର୍ଷ ବୟସରେ ତାଙ୍କ ଟାଉନ ବଳରାମପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପିଡିତ ଥାଇ ଚିକିତ୍ସିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସୁକୁମାରୀ, ପୁତ୍ର ସଞ୍ଜୟ ଓ ରମେଶ, ବୋହୂ ଏବଂ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ସ୍ୱର୍ଗତ ଜେନା କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ଉପସଭାପତି ଥିଲେ । ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡା ବିଧାୟକ ଅତନୁ ସବ୍ୟସାଚି ନାୟକ, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ଜିଲ୍ଲା ଓକିଲ ସଙ୍ଘ ସଭାପତି ଆଶୁତୋଷ ମହାନ୍ତି, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ବରିଷ୍ଠ ଆଇନଜୀବୀ ଗଗନବିହାରୀ ଜେନା, ଧ୍ରୁବ ଚରଣ ଜେନା, ଦେବଦାସ ମହାନ୍ତି, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ସାହିତ୍ୟିକ ଡଃ. ବାସୁଦେବ ଦାସ, ଶୁଭ୍ରାଂଶୁ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି, ସମ୍ପାଦକ ଗୋପାଳକୃଷ୍ଣ ଜେନା, ସଂଗ୍ରାମୀ ମକର ଦାସ, ରଶ୍ମିରଞ୍ଜନ ରାଉତ, ଆଇନଜୀବୀ ମନୋଜ ସାହୁ, ରମଣୀରଞ୍ଜନ ରାଉତରାୟ, ଅରୁଣ ପ୍ରସାଦ ଦାସ, ନିରଞ୍ଜନ ବଳ, ଧିରେନ୍ଦ୍ର ଦାସ, ଅକ୍ଷୟପ୍ରିୟ ଦାସ, ସତ୍ୟବ୍ରତ ସିଂ, ହିରଣ୍ୟ ପଣ୍ଡା, ନୃସଂହ ତ୍ରିପାଠୀ, କାଳୀପ୍ରସାଦ ମିଶ୍ର, ସବିତା ସାହୁ, ଦୁର୍ଗା ପ୍ରସାଦ ପତି, ସୁରେଶ ମର୍ଦ୍ଦରାଜ, ମାନସ ସାହୁ, ଗୋଲଖ ପଢିହାରୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଉପସଭାପତି ବାଉରୀବନ୍ଧୁ ଦାସ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପଦ୍ମନାଭ ଦାସ, ରାଜ୍ୟ ସଂଗଠନ ସମ୍ପାଦକ ତୁଷାରକାନ୍ତି ଘୋଷ, ଜିଲ୍ଲା କାର୍ଯ୍ୟକାରୀ ସଭାପତି କୁଳମଣୀ ରାଉତ, ସମ୍ପାଦକ ବିଚିତ୍ରାନନ୍ଦ ନାୟକ ପ୍ରମୁଖ ତାଙ୍କ ମରଶରୀରରେ ଉତ୍ତରୀୟ, ଗାନ୍ଧୀ ଟୋପି ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶେଷ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନିଳମଣୀ ସାହୁ ଓ ରାଜ୍ୟ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ଏକ ଶୋକବାର୍ତ୍ତାରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ଆଇନମନ୍ତ୍ରୀ ପ୍ରତାପ ଜେନା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲିକ ପ୍ରମୁଖ ସ୍ୱର୍ଗତଃ ଜେନାଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ହଜାରିବଗିଚାସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ସରକାରୀ ଓକିଲ ସଞ୍ଜୟ ଜେନା ମୁଖାଗ୍ନି ଦେଇଥିଲେ ।

ପିସିସି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର (ପିଏନ୍)-ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପବିତ୍ର ସାଧାରଣତନ୍ତ୍ର ଦିବସ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ପତାକା ଉତୋଳନ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତୋଳନ କରି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଜାତୀୟ ପତାକା ଉତୋଳନ କରି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ୧୯୫୦ ମସିହା ଏହି ଦିନରେ ଆମର ଦେଶର ଶାସନ ବ୍ୟବସ୍ଥା ନିମନ୍ତେ ସମ୍ବିଧାନ ପ୍ରତିଷ୍ଠା ହୋଇଥିଲା । ଏହି ସମ୍ବିଧାନ ପୃଥିବୀରେ ବିରଳ ଓ ବହୁ ଦେଶ ଏହାର ଉଚ୍ଚପ୍ରଶଂସା କରିଛନ୍ତି । କିନ୍ତୁ ଆଜି ମହାତ୍ମା ଗାନ୍ଧୀ ଓ ଜବାହରଲାଲ ନେହେରୁଙ୍କୁ ଅପଦସ୍ତ କରାଯାଉଛି । ଏହାକୁ ଆମେ କେବେ ବରଦାସ୍ତ କରିପାରିବା ନାହିଁ । ଗଣତନ୍ତ୍ରକୁ ସମ୍ମାନ ଦେବା ସହ ଏହାକୁ ବଂଚାଇ ରଖିବାପାଇଁ ସମସ୍ତେ ଆଗଭର ହେବାକୁ ଶ୍ରୀ ରାଉତରାୟ ଆହ୍ୱାନ କରିଥିଲେ । ସେବାଦଳ ପକ୍ଷରୁ ଶ୍ରୀ ଜ୍ୟୋତିଷ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ

ମୋ ସହର

ସ୍ୱଚ୍ଛ ଭାରତ ଓ ସାନିଟାଇଜେସନ୍ କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ପାରାଦୀପ ରୋଟାରୀ କ୍ଲବ ଓ ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ଦିନ ଏକ ସ୍ୱଚ୍ଛ ଭାରତ ଓ ସାନିଟାଇଜେସନ କାର୍ଯ୍ୟକ୍ରମ ବଡପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ପାରାଦୀପର ମୁଖ୍ୟ ବଜାର, ବନ୍ଦର ଚିକିତ୍ସାଳୟ ସମ୍ମୁଖ, ଦୁର୍ଗା ମଣ୍ଡପ ପାର୍ଶ୍ୱବର୍ତ୍ତୀ ବିଭିନ୍ନ ଦୋକାନ ଓ ମନ୍ଦିର ପ୍ରାଙ୍ଗଣ ଆଦି ସ୍ଥାନରେ ଅଳିଆ ଆବର୍ଜନା ସଫା କରିବା ସହିତ ବ୍ଲିଚିଙ୍ଗ୍ ମାରି ରାସାୟନିକ ସ୍ପ୍ରେ କରି ସାନିଟାଇଜେସନ୍ କରାଯାଇଥିଲା । ଏହି ଅଭିଯାନରେ ପାରାଦୀପ ମୁନିସିପାଲଟିର ପୂର୍ବତନ ଅଧକ୍ଷ ବସନ୍ତ କୁମାର ବିଶ୍ୱାଳ, ରୋଟାରୀ କ୍ଲବର ବରିଷ୍ଠ ରୋଟାରୀୟନ ତଥା ପାରାଦୀପ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ, କୈଳାସ ମହାରଣ, ଆଭାସ ଚନ୍ଦ୍ର ଚୌଧୁରୀ, ଅଧ୍ୟାପକ ଅକ୍ଷୟ ମିଶ୍ର, ଡ. ପ୍ରଶାନ୍ତ ମହାପାତ୍ର, ଡ. ରବିନ୍ଦ୍ର ବାରିକ ଓ ଆଦର୍ଶ ପ୍ରୟାସ ସଭାପତି ଅମିୟ ପ୍ରସାଦ ଦାସ, ସମ୍ପାଦକ ଦେବ କଲ୍ୟାଣ ମହାପାତ୍ର, ଦେବ ମଣ୍ଡଳ, ବିଷ୍ଣୁ ଚରଣ ମୁଦୁଲି, ଦୀପକ ସ୍ୱାଇଁ, ଭ କିଶୋର ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବା ସହିତ ପରିବେଶକୁ ସଫା କରିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀମାନଙ୍କ ସହଯୋଗ କାମନା କରିଥିଲେ । ପାରାଦୀପର ଏହି ଉଭୟ ଅନୁଷ୍ଠାନ ନିୟମିତ ବ୍ୟବଧାନରେ ବିଭିନ୍ନ ଜନଗହଳି ସ୍ଥାନ ମାନଙ୍କରେ ଏହି ପ୍ରକ୍ରିୟା ଜାରି ରଖିଛନ୍ତି ଏବଂ ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ପ୍ରଦାନ କରିଛନ୍ତି ।

ପାରାଦୀପରେ ଆୟୁର୍ବେଦିକ ଚିକିତ୍ସା ଶିବିର ଅନୁଷ୍ଠିତ

ପାରାଦୀପ,(ପି.ଏନ): ସାଧାରଣରେ ଚିକିତ୍ସା ବ୍ୟବସ୍ଥା ବ୍ୟୟବହୁଳ ହୋଇଥିବା ବେଳେ ଶ୍ରୀଶ୍ରୀ ରବିଶଙ୍କରଙ୍କ ଆୟୁର୍ବେଦିକ ଚିକିତ୍ସାଳୟ ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ଚିକିତ୍ସା ଶିବିରମାନ ଆୟୋଜନ କରାଯାଇ ଗରିବମାନଙ୍କୁ ମାଗଣା ଓ ସାଧାରଣରେ ସୁଲଭ ମୂଲ୍ୟରେ ଚିକିତ୍ସା କରାଯାଉଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ପାରାଦୀପର ଆର୍ଟ ଅଫ ଲିଭିଙ୍ଗ ଆଶ୍ରମ ପରିସରରେ ଏକ ଆୟୁର୍ବେଦିକ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି । ଯୋଗ ଗୁରୁ ଜୋତିର୍ବିଦ ତାପସ ପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଶ୍ରୀଶ୍ରୀ କଲେଜ ଅଫ ଆୟୁର୍ବେଦିକ ସାଇନ୍ସର ଅଭିଜ୍ଞ ଡାକ୍ତର ସଂନ୍ଧ୍ୟା ସାଧନା ଏବଂ ଡାକ୍ତର ଦୁର୍ଗା ପ୍ରସାଦ ଯୋଗ ଦେଇ ରୋଗୀ ମାନଙ୍କୁ ପରିକ୍ଷା କରିଥିଲେ । ଏହି ଶିବିରରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରିକ୍ଷା କରିବା ସହ ଜୀବନ ଶୈଳୀର ପରିବର୍ତ୍ତନ ସମ୍ବନ୍ଧରେ ଲାଭାନ୍ୱିତ ହୋଇଥିଲେ ।

ରମେଶ ସାମନ୍ତରାୟଙ୍କ ସ୍ମୃତି ସଭାରେ ଏକାଠି ହେଲେ ବିଭିନ୍ନ ଦଳର ନେତା

ପାରାଦୀପ,(ପି.ଏନ):ପାରାଦୀପର ବରିଷ୍ଠ ରାଜନେତା, ପୂର୍ବତନ ପୌରପାଳ ତଥା ଦୁଇ ଦୁଇ ଥର ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ବିୟୋଗରେ ତାଙ୍କ ଶୁଭେଚ୍ଛୁମାନଙ୍କ ପକ୍ଷରୁ ଏକ ସ୍ମୃତି ସଭା ପାରାଦୀପ ହାଉସିଂ ବୋର୍ଡ କଲୋନୀସ୍ଥିତ ତାଙ୍କ ବାସଭବନ ପ୍ରାଙ୍ଗଣରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ ରାଜନେତା ଡା. ଦାମୋଦର ରାଉତ , ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ, ପାରାଦୀପର ପୂର୍ବତନ ପୌରପାଳ ବସନ୍ତ ବିଶ୍ୱାଳ, ରାଜ୍ୟ କଂଗ୍ରେସର ସଂପାଦକ ଅରିନ୍ଦମ ସାର୍ଖେଲ୍, ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ବିଜେପି ନେତା ସମ୍ପଦ ଚରଣ ସ୍ୱାଇଁଙ୍କ ସମେତ ବହୁ ବୁଦ୍ଧିଜୀବୀମାନେ ଯୋଗ ଦେଇ ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଂଜନ ଦାସ ପରିଚାଳନା କରିଥିଲେ । ସୂଚନା ଥାଉକି ରମେଶଙ୍କ ବ୍ୟକ୍ତିତ୍ୱ ଓ ଲୋକସମ୍ପର୍କ ପାଇଁ ଆୟୋଜିତ ଏହି ସ୍ମୃତି ସଭା କାର୍ଯ୍ୟକ୍ରମରେ ଦଳମତ ନିର୍ବିଶେଷରେ ସମସ୍ତ ନେତୃବୃନ୍ଦ ଏକାଠି ହୋଇ ରମେଶଙ୍କ ସ୍ମୃତି ଚାରଣ କରିଥିଲେ ଏବଂ ସେଠାରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା।

ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବାରେ ଆସୁନି ସୁଧାର

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଦିନକୁ ଦିନ ରୋଗୀ ସେବା ପ୍ରଭାବିତ ହେଉଛି । ଠିକା କର୍ମଚାରୀଙ୍କ ନିଯୁକ୍ତି ବଢିବାରେ ଲାଗିଛି । ରୋଗୀ ସେବା ସ୍ୱାଭାବିକ କରାଯିବା ଆଳରେ ବିଭିନ୍ନ କ୍ଷେତ୍ରରେ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି । ସୁରକ୍ଷା କର୍ମୀ ହେଉ କି ଆଟେଣ୍ଡାଣ୍ଟ,ସଫେଇ କର୍ମଚାରୀଙ୍କ ନାମରେ ଠିକା କର୍ମଚାରୀଙ୍କ ନିଯୁକ୍ତ ବଢିବାରେ ଲାଗିଛି । ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଅଭିଜ୍ଞତା ନଥାଇ ଠିକାରେ ଆଟେଣ୍ଡାଣ୍ଟ ନିଯୁକ୍ତି ଦେବା, ସେବା ମୂଳକ ମନୋଭାବ ନଥିବା ଲୋକଙ୍କୁ ସ୍ୱାସ୍ଥ୍ୟ ମିତ୍ର ଭାବେ ଦାୟୀତ୍ୱ ଦେବା ଅନିୟମିତତା ଦେଖିବାକୁ ମିଳିଛି । ଏଥିଯୋଗୁଁ ଉକ୍ତ ମେଡିକାଲରେ ରୋଗୀ ସେବା ସ୍ୱାଭାବିକ ହୋଇପାରୁନି । ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଉନଥିବା ବେଳେ ସେମାନେ ଦୂରଦୂରାନ୍ତର ମେଡିକାଲକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ଅଭିଯୋଗ ଅନୁସାରେ ଡାକ୍ତରଖାନାରେ ମାଳମାଳ ସ୍ୱାସ୍ଥ୍ୟମିତ୍ର ରହିଛନ୍ତି । କିନ୍ତୁ ରୋଗୀଙ୍କ ସମ୍ପର୍କୀୟମାନେ କଷ୍ଟେମଷ୍ଟେ ନିଜ ଉଦ୍ୟମରେ ରୋଗୀଙ୍କୁ ଡାକ୍ତରଙ୍କ ନିକଟକୁ ନେଉଛନ୍ତି ତ ଆଉ କେତେବଳେ କ୍ୟାବିନ୍‌କୁ ନେଇ ଯାଉଛନ୍ତି । ଏପରିକି ଅଭିଜ୍ଞତା ନଥିବା ଠିକା କର୍ମଚାରୀଙ୍କ ଦ୍ୱାରା ଇଜେକ୍ସନ୍ ଦିଆଯାଉଛି । ଏଠାରେ ନିଯୁକ୍ତି ପାଇଥିବା ଠିକା କର୍ମଚାରୀ କୌଣସି ଡ୍ରେସ୍ କୋଡ୍ ବ୍ୟବହାର କରୁନାହାଁନ୍ତି । ଏଣୁ ରୋଗୀଙ୍କ ସମ୍ପର୍କୀୟ ଅବା ରୋଗୀମାନେ ସେମାନଙ୍କୁ ଠିକ୍ ଭାବେ ଜାଣିପାରୁ ନାହାଁନ୍ତି । ଏଭଳି ଅବ୍ୟବସ୍ଥା ଯୋଗୁଁ ମେଡିକାଲରେ ରୋଗୀମାନେ ସେବା ପାଇବାରୁ ବଂଚିତ ରହୁଛନ୍ତି । ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାସହ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

ଆନନ୍ଦପୁର ପୌରାଞ୍ଚଳର ଦୁଇଟି ମନ୍ଦିରରୁ ଚନ୍ଦନ ଗଛ ଚୋରି

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପୌରାଞ୍ଚଳର ଦୁଇଟି ସ୍ଥାନରୁ ଚନ୍ଦନ ଗଛ ଚୋରି ହୋଇଛି । ଆନନ୍ଦପୁର ପୌରପରିଷଦ ଫକୀରପୁର ୯ନଂ ୱାର୍ଡର ଦେହୂରୀ ସାହିସ୍ଥିତ ମା'ଥାନପତିଙ୍କ ମନ୍ଦିର ପରିସରରୁ ବୁଧବାର ବିଳମ୍ବିତ ରାତିରେ ୨ଟି ଚନ୍ଦନ ଗଛ ଜୋରି ହୋଇଛି । ସେହିପରି ଆନନ୍ଦପୁର ଶିଆଡିମାଳି ମା'ଧନେଇପୀଠରୁ ଗୁରୁବାର ବିଳମ୍ବିତ ରାତିରେ ଗୋଟିଏ ଚନ୍ଦନ ଗଛ କାଟି ନେଇଛନ୍ତି । ଲୁଟେରାମାନେ ଚନ୍ଦନ ଗଛ ଗଣ୍ଡି କାଟି ନେବା ପରେ ଡାଳପତ୍ର ଇଆଡେ ସିଆଡେ ପକାଇ ଦେଉଛନ୍ତି । ଲୁଟେରାମାନେ କଟର ସାହାଯ୍ୟରେ ଉକ୍ତ ଗଛ କାଟି ନେଇଛନ୍ତି । ଗଛର କିଛି ଡାଳପତ୍ର ସ୍ଥାନୀୟ କୁମ୍ଭାର ସାହି ନିକଟରେ ପଡିଥିବା ଦେଖିବାକୁ ମିଳିଛି । ଏହି ଚୋରି ସମ୍ପର୍କରେ ମା'ଥାନପତି ମନ୍ଦିରର କର୍ମକର୍ତ୍ତା ରବୀନ୍ଦ୍ର ଦଳେଇ, ଅର୍ଜୁନ ଦଳେଇ, ବାବୁଲା ସାମଲ, ମୂରଲୀ ବେହେରା, କାଳନ୍ଦୀ ଦେହୁରୀ, ରମେଶ ଦଳେଇଙ୍କ ସମେତ ସାହି ବାସିନ୍ଦା ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ଏହି ଦୁଇ ଚୋରି ଘଟଣାରେ ପୋଲିସ୍ ତୁରନ୍ତ ତଦନ୍ତ କରି ଚୋରମାନଙ୍କୁ କାବୁ କରିବାକୁ ଅଂଚଳବାସୀ ଦୃଢ ଦାବି କରିଛନ୍ତି ।

ବବିଙ୍କ ଫୋକସ୍‌ରେ ଆନନ୍ଦପୁର

ଆନନ୍ଦପୁର,(ପି.ଏନ):ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଫୋକସ୍‌ରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ । ବବିଙ୍କ ଆନନ୍ଦପୁର ଗସ୍ତକୁ ନେଇ ବିଜେଡି ଶିବିର ଚଳଚଞ୍ଚଳ ହୋଇ ଉଠିଛି । ଆଜି ଆନନ୍ଦପୁରରେ ଏକ ରୁଦ୍ଧଦ୍ୱାର ବୈଠକ କରି ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ସହିତ ଆଲୋଚନା କରିଛନ୍ତି । ସୁନିଶ୍ଚିତ ବିଜୟ ପାଇଁ ଗୁରୁମୁନ୍ତ୍ର ଦେଇଥିବା ଚର୍ଚ୍ଚା ହେଉଛି । ପ୍ରାର୍ଥୀପତ୍ର ଦାଖଲ ଠାରୁ ଆରମ୍ଭ କରି ବବି ସବୁ ସମୟରେ ଦଳର ବିଜୟ ନେଇ ନେତାଙ୍କ ସହ ଆଲଚୋନା କରୁଛନ୍ତି । ଏପରିକି ଅସନ୍ତୁଷ୍ଟ ନେତାଙ୍କୁ ବ୍ୟକ୍ତିଗତ ଭାବେ ଫୋନ୍ କରି ଦଳ ସପକ୍ଷରେ ପ୍ରଚାର କରିବାକୁ ବାରମ୍ବାର ପରାମର୍ଶ ଦେଉଥିବା ଜଣାପଡିଛି । କିଛିଦିନ ତଳେ ବବି ଆନନ୍ଦପୁର ନେତାମାନଙ୍କୁ ଭୁବନେଶ୍ୱର ଡକାଇ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସମ୍ପର୍କରେ ଆଲୋଚନା କରିଥିଲେ । ଆଜି ପୁଣି ସେ ଆନନ୍ଦପୁରରେ ପହଂଚି ଆନନ୍ଦପୁର ବିଧାୟକଙ୍କ ବାସଭବନରେ ପ୍ରାର୍ଥୀମାନଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା କରିଛନ୍ତି । ଏହି ବୈଠକରେ ବିଧାୟକ ଭାଗୀରଥି ସେଠୀ ଏବଂ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ସମେତ ଦଳୀୟ ନେତାମାନେ ଉପସ୍ଥିତ ଥିଲେ । ଆନନ୍ଦପୁର ଉପଖଣ୍ଡରେ ୧୦ଟି ଜିଲ୍ଲାପରିଷୋଦ ଜୋନ୍ ରହିଛି । ୨୦୧୭ ନିର୍ବାଚନରେ ଆନନ୍ଦପୁର ବ୍ଲକର ୩ନଂ ଜୋନ୍ ଓ ହାଟଡିହି ବ୍ଲକର ୩୪ନଂ ଜୋନ୍ ବିଜେଡି ହାତରୁ ଖସି ଯାଇଥିଲା । ୩ନଂ ଜୋନ୍‌ରେ ସନାତନ ମହାକୁଡଙ୍କ ପାର୍ଥୀ ପ୍ରଭାକର ସାହୁ ଏବଂ ୩୪ନଂ ଜୋନ୍‌ରେ ବିଜେପିର ଟିକି କିନ୍ତୁ ବିଜୟୀ ହୋଇଥିଲେ । ଚଳିତ ନିର୍ବାଚନରେ ମଧ୍ୟ ଏହି ଦୁଇଟି ଜୋନ୍‌ରେ ବିଜେପିର ଦବ୍‌ଦବା ଥିବା ଆଲୋଚନା ହେଉଛି । ୩ନଂ ଜୋନ୍ ବିଜେପିର ଅସୀମା ମିଶ୍ର ଓ ୩୪ନଂ ଜୋନ୍‌ରେ ବିବେକାନନ୍ଦ ରାଉତ ବିଜେଡି ପ୍ରାର୍ଥୀଙ୍କୁ କଡ୍ଡା ଟକ୍କର ଦେଉଛନ୍ତି । ସନାତନ ମହାକୁଡ ଦଳରେ ନଥାଇ ମଧ୍ୟ ବିଜେଡିକୁ ସମର୍ଥନ ଦେଉଥିବା ବେଳେ ତୃଣମୂଳ ସ୍ତରରେ ତାଙ୍କ ସମର୍ଥକମାନେ ବିଜେପିକୁ ଖୋଲାଖୋଲି ସମର୍ଥନ ଦେବା ପରିସ୍ଥିତିକୁ ଗୋଳମାଳିଆ କରି ଦେଇଛି । ୩୪ନଂଜୋନ୍‌ର କେ.ବାଲିପାଳ ପଂଚାୟତରେ ବିଜେପି ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ନିର୍ଦ୍ଦନ୍ଦରେ ନିର୍ବାଚିତ ହେବା ଶାସକ ଦଳ ପାଇଁ ଚ୍ୟାଲେ ସୃଷ୍ଟି କରିଛି । ଏହି ଦୁଇଟି ଜୋନ୍ ପୁଣି ଯେମିତି ହାତରୁ ଖସି ନଯିବ ସେଥିପାଇଁ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟୀତ୍ୱରେ ଥିବା ବବି ଭରପୁର ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି ।

ପଞ୍ଚୁପଲ୍ଲୀରେ ଅସାମାଜିକ ଯୁବକଙ୍କ ଉନ୍ମତକାଣ୍ଡ

ଘଷିପୁରା,(ପି.ଏନ):ଘଷିପୁରା ଥାନା ପଞ୍ଚୁପଲ୍ଲୀ ଗ୍ରାମରେ ଜଣେ ଅସାମାଜିକ ଯୁବକଙ୍କ ଉନ୍ମତକାଣ୍ଡ ଯୋଗୁଁ ଲୋକେ ଅତିଷ୍ଠ ହୋଇ ପଡିଛନ୍ତି । ପୂର୍ବରୁ ଯୁବକ ଜଣକ ତାମିଲନାଡୁରେ ଥିବା ବେଳେ ବିଭିନ୍ନ ଅପରାଧିକ କାର୍ଯ୍ୟରେ ସାମିଲ ଥିଲା । ଏବେ ଗାଁକୁ ଆସି ଯୁବକଙ୍କୁ ନିଶା ସମଗ୍ରୀ ବିକ୍ରୀ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ହିମାଂଶୁ ଶେଖର ଜେନା ଘଷିପୁରା ଥାନାରେ ଏତଲା ଦେଇଛନ୍ତି । ହିମାଂଶୁଙ୍କ ଅଭିଯୋଗ ଅନୁସାରେ ସଂପୃକ୍ତ ଯୁବକ ଗତକାଲି ରାତି ୮ଟା ବେଳେ ତାଙ୍କ ଘର ସମ୍ମୁଖରେ ଛିଡା ହୋଇ ଗାଳିଗୁଲଜ କରିଥିଲା । ଖଣ୍ଡାରେ ତାଙ୍କ ଘର ଆଗରେ ଗାର ଟାଣି ଏପାଖକୁ ଆସିଲେ ହାଣି ଦେବାକୁ ଧମକ ଦେଇଥିଲା । ସେ ଏହାର ପ୍ରତିବାଦ କରିବାରୁ ତାଙ୍କ ବେକରେ ଖଣ୍ଡା ଲଗାଇ ହାଣି ଦେବାକୁ ଧମକ ଦେଇଥିଲା ।

ପିସିସି ପକ୍ଷରୁ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର ,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଭୁବନେଶ୍ୱର ରାଜଭବନ ଛକ ଠାରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଯଜ୍ଞେଶ୍ୱର ବାବୁ, ଶିବାନନ୍ଦ ରାୟ, ମନୋରନ ଦାଶ, ଲୋକନାଥ ମହାରଥି, ହଳଧର ସେଠୀ, ପ୍ରକାଶ ମିଶ୍ର, ଜୟକୃଷ୍ଣ ମଲ୍ଲିଆ, ପ୍ରକାଶ ଜେନା, ଜ୍ୟୋତିଷ ସାହୁ, ତ୍ରିନାଥ ସାହୁ, ମନୋରନ ରାଉତରାୟ, ମିହିର ଆଚାର୍ଯ୍ୟ, ସଂଜୟ ମିଶ୍ର, ସଂଜୀବ ମହାନ୍ତି, ଖଗେଶ୍ୱର ମଲ୍ଲିକ, ସୁଭାଷ ପ୍ରଧାନ, କୁଳମଣି ସାହୁ, ରାଜକିଶୋର ବାରିକ, ଉମେଶ ସାହୁ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ବିଚାରପତି ସଙ୍ଗମ ସାହୁଙ୍କ କେନ୍ଦ୍ରାପଡା କୋର୍ଟ ପରିଦର୍ଶନ

କେନ୍ଦ୍ରାପଡ଼ା,(ପି.ଏନ): ଓଡିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ଶୁକ୍ରବାର ପୂର୍ବାହ୍ନରେ କେନ୍ଦ୍ରାପଡା କୋର୍ଟ ପରିଦର୍ଶନ କରିଛନ୍ତି । ଜଷ୍ଟିସ ଶ୍ରୀ ସାହୁ ଜିଲ୍ଲା ଅଦାଲତ ପରିସରରେ ଥିବା ବିଭିନ୍ନ କୋର୍ଟ ପରିଦର୍ଶନ କରିବା ସହିତ ସେଗୁଡିକର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ଜଷ୍ଟିସ ଶ୍ରୀ ସାହୁଙ୍କୁ ଜିଲ୍ଲା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ସଙ୍ଘର ସଭାପତି ଆଶୁତୋଷ ମହାନ୍ତି ଜଷ୍ଟିସ ଶ୍ରୀ ସାହୁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜଷ୍ଟିସ ଶ୍ରୀ ସାହୁଙ୍କୁ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟରେ ପାନୀୟ ଜଳର ସୁବ୍ୟବସ୍ଥା, ପାଇଖାନା ଓ ଗାଧୁଆଘର ପ୍ରଭୃତିର ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା । ଜଷ୍ଟିସ ଶ୍ରୀ ସାହୁ ଏହି ସମସ୍ୟାର ସମାଧାନ ଖୁବ୍ ଶୀଘ୍ର ହେବବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ସେକ୍ ଅଜିମୁଦ୍ଦିନ, ଉପସଭାପତି ଜିତେନ୍ଦ୍ର କୁମାର ମହାନ୍ତି, କୋଷାଧକ୍ଷ ନିରାକାର ପ୍ରଧାନ, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଧ୍ରୁବ ଚରଣ ଜେନା, ଦେବଦାସ ମହାନ୍ତି, ଗଗନ ବିହାରୀ ଜେନା, ମାନସ ରଞ୍ଜନ ଧଳ, ରଞ୍ଜନ ପଣ୍ଡା, କୁଞ୍ଜ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡାଙ୍କୁ ବହିଷ୍କାର

କେନ୍ଦ୍ରାପଡ଼ା,(ପି.ଏନ): ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ କୁମାର ପଣ୍ଡାଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ଜଣାପଡିଛି । ଏ ସମ୍ପର୍କରେ ବିଜେଡି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ଯୁଗ୍ମ ସମ୍ପାଦକ ଶ୍ରୀ ପଣ୍ଡାଙ୍କୁ ଦଳରୁ ବହିଷ୍କାର କରାଯାଇଛି । କିନ୍ତୁ କେଉଁଭଳି କାର୍ଯ୍ୟପାଇଁ ଶ୍ରୀ ପଣ୍ଡାଙ୍କୁ ଦଳରୁ ବହିଷ୍କାର କରାଯାଇଛି ସେ ସମ୍ପର୍କରେ ଜିଲ୍ଲା ସଭାପତିଙ୍କ ପତ୍ରରେ କିଛି ଉଲ୍ଲେଖ ନାହିଁ । ଏ ସମ୍ପର୍କରେ ଶ୍ରୀ ପଣ୍ଡାଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଯୋଗାଯୋଗ କରିବାରୁ ସେ କହିଲେ ଯେ ମୁଁ କୌଣସି ଦଳ ବିରୋଧୀ କାର୍ଯ୍ୟ କରିନାହିଁ । ବିଜୁ ଜନତା ଦଳ ଆରମ୍ଭ ହେବା ଦିନଠାରୁ ମୁଁ ଦଳ ସହିତ ରହିଛି । ଦଳ ମୋତେ ଜିଲ୍ଲା ଛାତ୍ର ଜନତା ସଭାପତି ଭାବେ ୧୨ବର୍ଷ ଏବଂ ଜିଲ୍ଲା ଯୁବ ସଭାପତି ଭାବେ ୫ବର୍ଷ ଓ ଜୀବନବିନ୍ଦୁ ସଂଯୋଜକ ଭାବେ ୨ବର୍ଷ ଧରି ଦାୟିତ୍ୱ ତୁଲାଇବାକୁ ଦେଇଥିଲା ମୁଁ ମଧ୍ୟ ତାହାକୁ ସୂଚାରୁ ରୂପେ ସମ୍ପାଦନ କରିଥିଲି । ଏହାପରେ ଦଳ ମୋତେ ରାଜ୍ୟ ସଂଗଠନର ଯୁଗ୍ମ ସମ୍ପାଦକ ଦାୟିତ୍ୱ ଦେଇଥିଲା । ସେଥିପାଇଁ ମୁଁ ଦଳ ନିକଟରେ କୃତଜ୍ଞ ଓ ଦଳ ପାଇଁ ମୁଁ ସାମାଜିକ ପରିଚୟ ପାଇଛି। ବିଜୁ ଜନତାଦଳର ଜଣେ ସମର୍ପିତ କର୍ମୀ ଭାବେ ମୁଁ ଗର୍ବ ଅନୁଭବ କରେ। ଗତ କିଛିଦିନ ହେଲା ଦଳ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक

Bhubaneswar Saturday February 05 | ଭୁବନେଶ୍ୱର ଶନିବାର, ଫେବୃଆରୀ ୦୫,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ବିନୋଦପଡା ମା ରାମଚଣ୍ଡୀ : ଯୁବକ ସଂଘ ପକ୍ଷରୁ ଚତୁର୍ଥ ଦିବାରାତ୍ରି ଭଲିବଲ ଟୁର୍ନାମେଣ୍ଟ

ଭୁବନେଶ୍ୱର,(ପି.ଏନ): ରଣପୁର ବ୍ଲକ ବୃନ୍ଦାବନପୁର ପଂଚାୟତ ବିନୋଦପଡା ଗ୍ରାମ ର ମା ରାମଚଣ୍ଡୀ ଯୁବକ ସଂଘ ପକ୍ଷରୁ ଚତୁର୍ଥ ଦିବାରାତ୍ରି ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟ ରେ ଆଖ ପାଖ ଅଞ୍ଚଳର ଆଠଟି ଦଳ ଭକ୍ଷଗନେଇଥିଲେ କ୍ଷ ଟୁର୍ନାମେଣ୍ଟ ଲିଗ ପର୍ଯ୍ୟାୟ ହୋଇଥିଲା କ୍ଷ ପ୍ରଥମ ସମିଫାଇନାଲରେ ସାଗରୁଗାଁ ଦଳ ଲତାର ଦଳକୁ ହରାଇ ଫାଇନାଲକୁ ଯାଇଥିବାବେଳେ ଦ୍ୱିତୀୟ ସେମି ଫାଇନାଲରେ ଗୋଳାପୋଖରୀ ଦଳ ଆୟୋଜକ ବିନୋଦପଡା ଦଳକୁ ହରାଇ ଫାଇନାଲ କୁ ଯାଇଥିଲା । ଫାଇନାଲ ରେ ଶାଗରୁଗାଁ ଗୋଳାପୋଖରୀ କୁ ହରାଇ ଚମ୍ପିୟାନ ହେଇଥିଲା କ୍ଷ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବଶାଖା ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଯୋଗଦେଇ ବିଜେତା ଦଳକୁ ଟ୍ରଫି ଓ ପନ୍ଦର ସହ ଅର୍ଥ ରାଶି ଓ ଉପବିଜେତା କୁ ଟ୍ରପି ଓ ଏକ ହଜାର ଅର୍ଥରାଶି ପ୍ରଦାନ କରିବାସହ ଖେଳାଳି ମାନଙ୍କୁ ଉତ୍ସାହିତ କରିବାସହ ଉପସ୍ଥିତ କ୍ରୀଡାପ୍ରମି ଯୁବକ ଓ ଦର୍ଶକ ଙ୍କୁ ନିଶା ଠାରୁ ଦୁରେଇ ରହିବାପାଇଁ ସଂକଳ୍ପ କରିବା ପାଇଁ ଆହ୍ୱାନ କରିଥିଲେ କ୍ଷ ଏହି ଟୁର୍ନାମେଣ୍ଟ ରେ ପ୍ରଶାନ୍ତ ମିଶ୍ର,ଅଶୋକ ପ୍ରଧାନ,କେଦାର ନାୟକ, ବୁଲୁ ନାୟକ,ପ୍ରତାପ ମାନସିଂହ, ଦେବରାଜ ପ୍ରଧାନ,ସର୍ବଶ୍ୱର ନାୟକ , ଆଦିତ୍ୟ ପ୍ରଧାନ, ବିଦ୍ୟା ପ୍ରଧାନ, ଟୁକୁନ ପୃଷ୍ଟି, ଦିପୁ ପ୍ରଧାନ ଓ ରେଫରୀ ଭାବେ ଦୁର୍ଗାଚରଣ ପ୍ରଧାନ ଓ ଜିତେନ୍ଦ୍ର ନାୟକ ପରିଚାଳନା କରିଥିଲେ ଯୁବସଂଘ କର୍ମକର୍ତା ମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।

ଡାକ୍ତର ବିଶ୍ୱଜିତ ସାହୁଙ୍କ ପିତୃ ବିୟୋଗ

ଫୁଲନଖରା, (ପି.ଏନ): କଟକ ଶ୍ରୀରାମଚନ୍ଦ୍ର ଭ ଭେଜେ ମହାବିଦ୍ୟାଳୟ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ବିଶ୍ୱଜିତ ସାହୁଙ୍କ ପିତା ପ୍ରଫୁଲ୍ଲକୁମାର ସାହୁଙ୍କ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ଶେଷ ସମୟରେ ଦୁଇ ପୁତ୍ର ଡାକ୍ତର ବିଶ୍ୱଜିତ ସାହୁ, ସତ୍ୟଜିତ ସାହୁ, ଝିଅ କବିତାକୁମାରୀ ସାହୁ, ଜାମାତା ଡାକ୍ତର ସୁଧାକର ପାତ୍ର, ପୁତ୍ରବଧୂ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ । ସେ ଆସ୍କାସ୍ଥିତ ଟେକ୍ନିକାଲ ସ୍କୁଲରେ ଅଧ୍ୟାପକ ଓ କଟକ ଭୁବନାନନ୍ଦ ଇଂଜିନିୟରିଙ୍ଗ ସ୍କୁଲରେ ଅଧ୍ୟାପନା କରି ସୁନାମ ଅର୍ଜନ କରିଥିଲେ । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଅମାୟୀକ ବ୍ୟକ୍ତି ଥିଲେ । ଏହି ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ରାଣୀହାଟସ୍ଥିତ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ ।

ଖୋର୍ଦ୍ଧାରେ ନୂତନ ଆରକ୍ଷୀ ଅଧିକାରୀଙ୍କ ଯୋଗଦାନ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧାରେ ପୂର୍ବରୁ ରାଜ କିଶୋର ଦୋରା ଆରକ୍ଷୀ ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ବେଳେ ଗତ ୩୧ ତାରିଖ ଦିନ କାର୍ଯ୍ୟରୁ ଅବସର ନେଇଛନ୍ତି । ତେବେ ଅବସର ନେବା ପରେ ପଦବୀଟି ଖାଲି ପଡିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁରେଶ ଦାଶ ଦାୟିତ୍ୱ ଭାର ନେଇଥିଲେ । ଚଳିତ ମାସରେ ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲାର ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ନୂତନ ଭାବେ ଅଲେଖ ଚନ୍ଦ୍ର ପହି ନୂତନ ଭାବରେ ଆରକ୍ଷୀ ଅଧିକାରୀ ଭାବେ ଆଜି ଯୋଗ ଦେଇଛନ୍ତି । ସେ ପୂର୍ବରୁ କଟକରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଭାବରେ କାର୍ଯ୍ୟ କରି ଆସୁଥିଲେ । ସେ ଯୋଗ ଦେବା ପରେ ସଚେତନ ନାଗରିକ, ସାମ୍ବାଦିକ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ନୂତନ ଆରକ୍ଷୀ ଅଧିକାରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ ।

ଉତ୍କଳ ଗୌରବ ମଧୁସୂଦନଙ୍କ ୮୮ତମ ଶ୍ରାଦ୍ଧବାର୍ଷିକୀ

ଖୋର୍ଦ୍ଧା,(ପି.ଏନ): ଉତ୍କଳର ନବନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା, ଇଂରାଜୀରେ ଏମ୍ଏ କରିଥିବା ପ୍ରଥମ ଓଡ଼ିଆ, ପ୍ରଥମ ଓଡ଼ିଆ ବିଏଲ୍, ପ୍ରଥମ ସଫଳ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ବ୍ୟବସ୍ଥାପକ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ପ୍ରଥମ ଓଡ଼ିଆ ମନ୍ତ୍ରୀ ତଥା ଓଡ଼ିଆ ଜାତିର ଗର୍ବ ଓ ଗୌରବ ମଧୁସୂଦନ ଦାସଙ୍କ ୮୮ତମ ପୁଣ୍ୟତିଥିରେ ଖୋର୍ଦ୍ଧାର ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି । କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ବରିଷ୍ଠ ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ସଂଗ୍ରାହକ ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ସ୍ଥାନୀୟ ଦେଓ୍ୱାନୀ ଫୌଜଦାରୀ ନ୍ୟାୟାଳୟ ସମ୍ମୁଖସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମଧୁବାବୁଙ୍କ ପୂର୍ବପୁରୁଷ ବୀରମାଟି ଖୋର୍ଦ୍ଧା ଅଂଚଳରୁ ଯାଇଥିଲେ । ଜଟଣୀ ନିକଟସ୍ଥ ରଥିପୁରର ଜମିଦାର ସାମନ୍ତ ମଣିମଲ୍ଲ ରଣସିଂହଙ୍କୁ ଗଜପତି ପ୍ରତାପ ରୁଦ୍ରଦେବ ସାଲେପୁର ବ୍ଲକ୍ ସତ୍ୟଭାମାପୁରରେ ଜମିଦାରୀ ପ୍ରଦାନ କରି ବାରବାଟୀ ଦୁର୍ଗର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ କରିବା ପରେ ତାଂକ ପରିବାର ସତ୍ୟଭାମାପୁରରେ ବସବାସ କରିଥିଲେ । ସେହି ସାମନ୍ତ କ୍ଷତ୍ରିୟ ଜମିଦାର ବଂଶର ସପ୍ତମ ପୁରୁଷ ଗୋବିନ୍ଦ ବଲ୍ଲଭ ଥିଲେ ମଧୁବାବୁ । ମଧୁବାବୁଙ୍କ ପାଇଁ ଖୋର୍ଦ୍ଧାମାଟି ଗର୍ବିତ । ଓଡ଼ିଆଙ୍କୁ ଜାତି ଓ ଭାଷାପ୍ରେମୀ ତଥା ସ୍ୱାଭିମାନୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ତାଂକର ପ୍ରୟାସକୁ ଏ ଜାତି ସବୁଦିନ ମନେରଖିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ତୋ ପୂର୍ବପୁରୁଷ ଜୟ କରିଥିଲେ ଗଙ୍ଗା ଠାରୁ ଗୋଦାବରୀ, ତାଙ୍କର ଔରସେ ଜନ୍ମହୋଇ ତୁହି କେଉଁ ଗୁଣେ ତାଙ୍କୁ ସରି । ମଧୁବାବୁଙ୍କର ଏହି ଉକ୍ତି ଆଜିର ଓଡ଼ିଆ ମନେ ରଖିବା ଦରକାର । କଳିଙ୍ଗ ପାଇକ ସଂଗଠନର ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଅର୍ପଣ ପୂର୍ବକ ସଂଗଠନ ପକ୍ଷରୁ ରଥିପୁରରେ ମଧୁବାବୁଙ୍କ ସ୍ମାରକୀ ନିର୍ମାଣ ପାଇଁ ଅଭିଯାନ ଆରଂଭ ହେବ ବୋଲି ଘୋଷଣା କରିଥିଲେ ।

ଗୌରଶ୍ୟାମ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ଫୁଲନଖରା, (ପି.ଏନ): ଲକ୍ଷେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ଼ ସଭାପତି ତଥା ମୁରବି ଗୌରଶ୍ୟାମ ପଟ୍ଟନାୟକଙ୍କ ବିୟୋଗରେ ଏକ ଶ୍ରଦ୍ଧାଳି ସଭା ସହଯୋଗ ଓଡ଼ିଶା, ଲକ୍ଷେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଏବଂ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ କାଚରାମାଳଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଣେଶପ୍ରସାଦ ଦାଶ ଅଧ୍ୟକ୍ଷତା କରିଥିଲେ । ଲକ୍ଷେଶ୍ୱର ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟବୋର୍ଡ଼ ନୂତନ ସଭାପତି ଅନନ୍ତଚରଣ ବରାଳ, ସମ୍ପାଦକ ବଂଶୀଧର ଭୋଳ, ସୁରେନ୍ଦ୍ରନାଥ ଛୋଟରାୟ, , ନଳିନୀକୁମାର ସ୍ୱାଇଁ, ଗୁଣନିଧି ପଟ୍ଟନାୟକ, କ୍ଷୀରୋଦ ଦଳାଇ, ଲଳିତକୁମାର ଦାଶ, କିଶୋରଚନ୍ଦ୍ର ବରାଳ, କୃଷ୍ଣଚନ୍ଦ୍ର ପାଢ଼ୀ, କିଶୋର ପଟ୍ଟନାୟକ, କେଦାର ଜେନା, ବାଳକୃଷ୍ଣ ବେହେରା, ଗନ୍ଧର୍ବ ଗିରି, ବାବୁଲି ମହାନ୍ତି, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ନିରବ ପ୍ରାର୍ଥନା ହୋଇଥିଲା । ନିରନ ବିଶ୍ୱାଳ, ସଂଜୟ ମହାନ୍ତି, ଶିବପ୍ରସାଦ ପଟ୍ଟନାୟକ, ପ୍ରଭାତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଦୁଇଦିନିଆ ସାମ୍ବିଧାନିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ସାମ୍ବିଧାନିକ ଅଧିକାରକୁ ଲୋକଙ୍କ ପାଖରେ ପହଂଚାଇବା ଉଦ୍ଦେଶ୍ୟରେ ଅଧିକ ସଚେତନତାର ଆବଶ୍ୟକତା ରହିଛି । ପ୍ରତ୍ୟେକ ଜନସାଧାରଣକୁ ସାମ୍ବିଧାନିକ ଅଧିକାର ଦେବା ଲାଗି ସମାଜର ସବୁ ବର୍ଗ ଲୋକେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି । ଙ୍ଗବବଭ ଙ୍କଙ୍କଷଙ୍କକ୍ଷସ, ତାମିଲନାଡୁ ଏବଂ ଆଇ.ଏଚ୍.ଆର୍.ଇ, ଓଡିଶା ଆନୁକୂଲ୍ୟରେ ଆଜି ଭୁବନେଶ୍ୱରର ଖାରବେଳନଗରସ୍ଥିତ ଉତ୍କଳ ସାମ୍ବାଦିକ ଭବନଠାରେ ଓଡିଶାର ବିଭିନ୍ନ ଜିଲ୍ଲାର କମ୍ୟୁନିଟି ବ୍ଲକ ଶିକ୍ଷକ/ ଶିକ୍ଷୟତ୍ରୀମାନଙ୍କୁ ନେଇ ଏକ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଶିଷ୍ଟ ମାନବାଧିକାର କର୍ମୀ ତଥା ମାନବାଧିକାର ଶିକ୍ଷାର ବରିଷ୍ଠ ପ୍ରଶିକ୍ଷକ ଶ୍ରୀ ପ୍ରଦୀପ୍ତ ନାୟକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ସମଗ୍ର ଓଡିଶାରୁ ଯୋଗ ଦେଇଥିବା ପ୍ରାୟ ୫୦ଜଣ କମ୍ୟୁନିଟି ବ୍ଲକ ଶିକ୍ଷକ/ ଶିକ୍ଷୟତ୍ରୀମାନଙ୍କୁ ସାମ୍ବିଧାନିକ ଅଧିକାର କ'ଣ ଓ ଏହାର ଉଲ୍ଲଙ୍ଘନ କଲେ କ'ଣ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଶ୍ରୀ ନାୟକ ସମସ୍ତଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରଶିକ୍ଷଣ ଶିବିରରେ ତାମିଲନାଡୁର ବରିଷ୍ଠ ମାନବାଧିକାର ପ୍ରଶିକ୍ଷକ ପି. ରାଜନ୍ ଏବଂ ଓଡିଶାର ପ୍ରଶିକ୍ଷକ ଏ.ଏସ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

କେନ୍ଦ୍ର ବଜେଟ୍ ଉପରେ ଏଆଇଏମ୍ଏସ୍ଏସ୍ ପ୍ରତିକ୍ରିୟା

ଯାଜପୁର ,(ପି.ଏନ):୧ ଫେବୃୟାରୀ ୨୦୨୨ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆଗତ କରାଯାଇଥିବା କେନ୍ଦ୍ର ବଜେଟକୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି, ଓଡ଼ିଶା ରାଜ୍ୟ ସଭାନେତ୍ରୀ ବୀଣାପାଣି ଦାସ ଓ ସମ୍ପାଦିକା ସ୍ୱୟଂପ୍ରଭା ନାୟକ ଦୃଢ଼ ନିନ୍ଦା କରିଛନ୍ତି । ଯେତେବେଳେ ଦେଶର ସାଧାରଣ ଜନତା ସ୍ୱାଧୀନତା ପରଠାରୁ ଜନବିରୋଧି ପୁଞ୍ଜିବାଦୀ ଅର୍ଥନୀତି ଦ୍ୱାରା ପେଶି ହୋଇରହିଛନ୍ତି, କୋଭିଡ୍-୧୯ ର ଦୁରାବସ୍ଥା ଏହି ପରିସ୍ଥିତିକୁ ଆହୁରି ଦୁର୍ବିସହ କରିଦେଇଛି । ଜନସାଧାରଣ ଏକ ପକ୍ଷରେ କାମ ଓ ରୋଜଗାର ହରାଇବାର କଷ୍ଟ ଭୋଗୁଥିବା ବେଳେ ଅନ୍ୟ ପକ୍ଷରେ ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧିର କଷ୍ଟ ଭୋଗ କରୁଛନ୍ତି । ଏହି ପରିସ୍ଥିତିରେ ସରକାରଙ୍କ ବଜେଟ୍ ଜନଗଣଙ୍କୁ ସୁହାଇବା ପରିବର୍ତ୍ତେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ଦିନକୁ ଦୁଇ ବେଳା ଖାଦ୍ୟ ଯୋଗାଡ଼ କରିବା ପାଇଁ ଦେଶର କୋଟି କୋଟି ଲୋକ ସଂଗ୍ରାମ କରୁଛନ୍ତି । ଜନସଂଖ୍ୟାର ଅର୍ଦ୍ଧେକ ମହିଳାମାନେ ମଧ୍ୟ ସୀମାହିନ କଷ୍ଟ ଭୋଗୁଛନ୍ତି । ଏହି ବଜେଟରେ ପୁଞ୍ଜିପତି କର୍ପୋରେଟ୍ ହାଉସ୍ ପାଇଁ ଟିକସ ୧୨% ରୁ ୭% କୁ ହ୍ରାସ କରାଯାଇଥିବା ବେଳେ ମନରେଗା ପାଇଁ ସ୍କିମ, ଯାହା କି ଗରିବ ମହିଳା ଓ ପୁରୁଷ ମାନଙ୍କର ଜୀବିକା ସେଥିପାଇଁ ବ୍ୟୟବରାଦ ବୃଦ୍ଧି କରାଯାଇ ନାହିଁ । ମହିଳା ଓ ଶିଶୁ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଗୁଡ଼ିକ ପାଇଁ ଅତି ସାମାନ୍ୟ ବ୍ୟୟବରାଦ ରହିଛି, ଯାହା ଆମ ଦେଶର ମହିଳା ଓ ଶିଶୁ ମାନଙ୍କ ଅପପୁଷ୍ଟି ଅବସ୍ଥାକୁ ଆଦୌ ଲାଘବ କରିପାରିବ ନାହିଁ । ଅଣସଂଗଠିତ କ୍ଷେତ୍ରରେ କର୍ମରତ ମହିଳା ମାନଙ୍କର ସମ୍ମାନଜନକ ଜୀବନ ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଦରମା ବୃଦ୍ଧି ବିଷୟରେ ଏହି ବଜେଟ୍ ସଂପୂର୍ଣ୍ଣ ନୀରବ । ଏହି ଜନବିରୋଧି ଓ କର୍ପୋରେଟ ସମର୍ଥିତ ବଜେଟକୁ ପ୍ରତିରୋଧ କରିବା ପାଇଁ ଦେଶର ଶ୍ରମିକ, କୃଷକ, ଛାତ୍ର, ଯୁବକ ଆଦି ସର୍ବସ୍ତରର ଶ୍ରମଜୀବି ଜନଗଣଙ୍କ ସହିତ ହାତ ମିଳାଇବା ସହିତ ଜନଗଣଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଓ ଅନ୍ୟାନ୍ୟ ଆବଶ୍ୟକୀୟ ଭିତ୍ତିଭୂମି ପାଇଁ ଉଦ୍ଦିଷ୍ଟ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷାକାରୀ ବଜେଟ ପାଇଁ ଦାବି କରିବାକୁ ମହିଳାମାନେ ଆଗେଇ ଆସିବା ପାଇଁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray